ପରିବ୍ରାଜକାଚାର୍ଯ୍ୟ

ଶ୍ରୀଶ୍ରୀମଦ୍ ଦୁର୍ଗାପ୍ରସନ୍ନ ପରମହଂସ ଦେବଙ୍କର

ମୋର ପ୍ରାଣର କଥା

ଅନୁବାଦିକା—ଶ୍ରୀମତୀ ପ୍ରଭାତ ନଳିନୀ ପଣ୍ଡା

ପରିବ୍ରାଜକାଚାର୍ଯ୍ୟ

ଶ୍ରୀଶ୍ରୀମଦ୍ ଦୁର୍ଗାପ୍ରସନ୍ନ ପରମହଂସ
ଦେବଙ୍କର

ମୋର ପ୍ରାଣର କଥା

ଅନୁବାଦିକା—ଶ୍ରୀମତୀ ପ୍ରଭାତ ନଳିନୀ ପଣ୍ଡା

ଅନୁବାଦକା—ଶ୍ରୀମତୀ ପ୍ରଭାତ ନଳିନୀ ପଣ୍ଡା
ଭୁବନେଶ୍ୱର

ପ୍ରକାଶକ ଓ ପ୍ରାପ୍ତି ସ୍ଥାନ:—
ଶ୍ରୀ ଗୁରୁସଂଘ ଭଜନ କୁଟୀର
ଶ୍ରୀରାମନଗର ମାର୍ଗ
ଭୁବନେଶ୍ୱର-୨
ଫୋନ ନଂ - ୫୧୪୬୧

ମୁଖ୍ୟ କାର୍ଯ୍ୟାଳୟ:—
ଶ୍ରୀଗୁରୁ ସଂଘ ଆଶ୍ରମ
୧୧/୨ ଦୁର୍ଗାପ୍ରସନ୍ନ ପରମହଂସ ରୋଡ଼
କଲିକତା-୪୭
ଫୋନ—୭୨-୨୨୯୨

ମୁଦ୍ରାକର:—
ଶାରଦାପ୍ରେସ୍, ବ୍ରହ୍ମପୁର-୪

ପ୍ରଣାମୀ—ଦୁଇଟଙ୍କା



ĀCHĀRYYA S'RĪ S'RĪMAT
DURGAPRASANNA PARAMHAMSADEVA.

ଶ୍ରୀ ଗୁରୁ ଜୟ

ନିବେଦନ

ସେହି ସୌମ୍ୟ, ଶାନ୍ତ, ସୁନ୍ଦର, ଶାଶ୍ୱତ, ପରମ କରୁଣାମୟ ଭଗବାନ୍ ରୂପୀ, ପରମାରାଧ୍ୟ ଶ୍ରୀ ଶ୍ରୀ ଗୁରୁଦେବ ଶ୍ରୀ ଶ୍ରୀମଦ୍ ଦୁର୍ଗାପ୍ରସନ୍ନ ପରମହଂସ ଦେବଙ୍କର ସ୍ୱହସ୍ତ ଲିଖିତ ଏହି "ମୋର ପ୍ରାଣର କଥା" ଶ୍ରୀଗ୍ରନ୍ଥଟି ଶିଷ୍ୟ ଓ ଭକ୍ତମାନଙ୍କର ସେବା ଓ ମଂଗଳ ନିମନ୍ତେ ତାଙ୍କର ଇଚ୍ଛା ମତେ ଓଡ଼ିଆ ଭାଷାରେ ପ୍ରକାଶିତ ହେଲା ।

ଅଧମାଧମ

ପ୍ରଭାତ ନଳିନୀ

ଉତ୍ସର୍ଗ

କାଛେ ଯବେ ଛିଲେ କଭୁ ବୁଝି ନାଇ
କତ ତୁମି ମମ କାଛେ ।
ଦୂରେ ଗିୟେ ବୁଝିୟେଛି ତୁମି ଛାଡ଼ା
କେବା ଆର ଓଗୋ ଆଛେ ॥
ଐ ମମତାର ଅତଲ କୃପା-ସିନ୍ଧୁ
"ଆମାର ପ୍ରାଣେର କଥା" ।
ଡୁବୁକ ତାତେ ବିଶ୍ୱ ମାନବ ଯାତ୍ରୀ
ରହିୟାଛେ ଯଥା ତଥା ॥
ସେଇ ଅଭିଳାଷେ, ତବ କରୁଣାତେ
ପ୍ରକାଶିନୁ ଆଜ ଆମି
ଗୁଣାଗୁଣ ସବ ସଂପି ଚରଣେତେ —
ଜଗଂ ଜୀବନ—ସ୍ୱାମୀ ॥

ପରମାରାଧ୍ୟତମ
ଶ୍ରୀଶ୍ରୀ ଗୁରୁଦେବେର ଶ୍ରୀଶ୍ରୀ ଚରଣ କମଲେ
ସ୍ୱାମୀବିନୋଦାନନ୍ଦ

ଉପକ୍ରମଣିକା

ଓଁ ଶ୍ରୀଗୁରୁ ଜୟ

ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛାରେ ତାଙ୍କର ଶ୍ରୀହସ୍ତ ଲିଖିତ "ମୋର ପ୍ରାଣର କଥା" ପ୍ରକାଶିତ ହେଲା । କେତେ ଦିନ ପୂର୍ବେ ସେ ଏହା ଲେଖିଥିଲେ ତାହା କହି ପାରିବି ନାହିଁ । ତେବେ ବିଭିନ୍ନ ଲେଖା ସଙ୍ଗରେ ଏହାକୁ ମଧ୍ୟ ସେ ମୋ ହାତରେ ଦେଇଥିଲେ । ସେ ଦିନ ଭାବି ନଥିଲି, କୌଣସି ଦିନ ପାଣ୍ଡୁଲିପି ଆକାରରେ "ମୋ ପ୍ରାଣର କଥା" ପାଇବି । ଆଜି ତାଙ୍କର ପ୍ରକଟ ଲୀଳାର ଅବସାନପରେ କେତେ ଜଣ ଅନୁସନ୍ଧିତ୍ସୁ ସେବକ ମୋତେ ଦେଇଥିବା ସେଇ କାଗଜ ପତ୍ର ମଧ୍ୟରୁ ଏହାକୁ ପାଇଛନ୍ତି ଏବଂ ପ୍ରକାଶ କରିବା ପାଇଁ ଅଗ୍ରଣୀ ହୋଇଛନ୍ତି । ଶୁଣିଛି ଜନୈକ ଗୁରୁଗତ ପ୍ରାଣ ଗୁରୁଭ୍ରାତା ସ୍ୱପ୍ନରେ ଦର୍ଶନ କରିଛନ୍ତି ଯେ ଶ୍ରୀଶ୍ରୀ ଗୁରୁଦେବ ତାଙ୍କର ପ୍ରକାଶିତ ଗ୍ରନ୍ଥ ସମୂହ ମଧ୍ୟରେ "ମୋର ପ୍ରାଣର କଥା" ଅନୁସନ୍ଧାନ କରୁଅଛନ୍ତି । ତାଙ୍କର ଏହି ଅନୁସନ୍ଧାନରୁ ପ୍ରମାଣ ମିଳୁଛି—ଏହି ପ୍ରାଣର କଥା ତାଙ୍କର ସତେ ପ୍ରାଣର । ତେଣୁ ଆଜି ଏହି ଗ୍ରନ୍ଥଟିର ପ୍ରକାଶିତ ରୂପ ଦର୍ଶନ କରି ହୃଦୟରେ ଅପାର ଆନନ୍ଦ ଅନୁଭବ କରୁଅଛି । ଶ୍ରଦ୍ଧେୟ ଗୁରୁଭ୍ରାତା, ଭଗ୍ନୀ ଏବଂ ସୁଧୀ ଭକ୍ତଗଣ ମଧ୍ୟ ଏହା ପାଠ କରି ସେଇ ଆନନ୍ଦର ଅଧିକାରୀ ହେବେ ।

"ମୋର ପ୍ରାଣର କଥା" ଶ୍ରୀଶ୍ରୀ ଠାକୁରଙ୍କର ଅନ୍ତରର ଅନ୍ତରତମ ସଂବାଦ । ଯେଉଁମାନେ ତାଙ୍କର ସାନ୍ନିଧ୍ୟରେ ଆସିଛନ୍ତି

ଓ ଭବିଷ୍ୟତରେ ମଧ୍ୟ ଆସିବେ ସେହି ସମସ୍ତଙ୍କ ପାଇଁ ତାଙ୍କର ପ୍ରାଣର ଏହା ନିବିଡ଼ତମ ବାର୍ତ୍ତା । କଣ ସେହି ବାର୍ତ୍ତା ?

ମୁଁ ଚାହେଁ ମାନବ ମନୁଷ୍ୟର ଦୁଃଖ ଚିରଦିନ ମୋଚନ କରି ତାହାକୁ ଚିର ଶାନ୍ତି ଦେବା ।

× × × ×

ଏହି ବିଶ୍ୱ ଚରାଚରରେ ସର୍ବଜୀବଙ୍କର ଦୁଃଖ ଦାରିଦ୍ର୍ୟ ଦୂର କରିବା ମୋର ଏହି ଜୀବନର ଏକମାତ୍ର ପ୍ରଧାନ ଲକ୍ଷ୍ୟ । (ମୋର ପ୍ରାଣର କଥା) ଏହି ଅଭିଳାଷ ନେଇ ସେ ଅତି ଶୈଶବରୁ ଲୋକାୟତ ଜୀବନ ମଧ୍ୟରେ ରହି ମଧ୍ୟ ଦିନରାତି ଏହି ପ୍ରାର୍ଥନା ହିଁ କରନ୍ତି, "ହେ ପ୍ରଭୋ ! କଣ କଲେ ମନୁଷ୍ୟର ଦୁଃଖ କଷ୍ଟ ଚିରଦିନ ପାଇଁ ଶେଷ କରି ଦିଆଯାଇ ପାରିବ ?" ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ତାଙ୍କର ଯେଉଁ ଅନୁସନ୍ଧାନ ତାହା ହିଁ ତାଙ୍କର ତପସ୍ୟା । ଏହି ତପସ୍ୟା ପାଇଁ ସେ ତାଙ୍କର ଘର ଛାଡ଼ି ସୁଦୂର କୋକିଳାମୁଖି ଆଶ୍ରମକୁ କାଳ ବିଳମ୍ବ ନ କରି ଯାଇଥିଲେ । ଜଗତର ପାର୍ଥିବ ଐଶ୍ୱର୍ଯ୍ୟ ପରିତ୍ୟାଗ କରି ରଜାପୁରର ଅଶୋକ ବୃକ୍ଷ-ମୂଳରେ ଏବଂ ଦାମ-ପାହାଡ଼ର ଗଭୀର ନିର୍ଜନତାର ମଧ୍ୟରେ ସେ ଆତ୍ମ-ନିମଗ୍ନ ହୋଇଥିଲେ । ଆଜି ସେହି ତପସ୍ୟାର ଶେଷରେ ତାଙ୍କର ହୃଦୟ-ସମୁଦ୍ରରୁ ଯେଉଁ ଅମୃତ ଉଚ୍ଛୁଳି ଉଠିଥିଲା ତାହା ମାନବ ତଥା ପଶୁ-ପକ୍ଷୀଙ୍କୁ ପାନ କରାଇବା ନିମନ୍ତେ ; ସେହି ତପସ୍ୟା ଶେଷରେ ଯେ ଶାଶ୍ୱତ ଶାନ୍ତି ରାଜ୍ୟର ସନ୍ଧାନ ସେ ପାଇଥିଲେ ଓ ସେଠାରେ ମନୁଷ୍ୟ, ସାଧାରଣ ପଶୁପକ୍ଷୀ, କୀଟ ପତଙ୍ଗଙ୍କୁ ପହଞ୍ଚାଇବା ପାଇଁ ତାଙ୍କର

ଯେଉଁ ବ୍ୟାକୁଳ ପ୍ରୟାସ ତାହାହିଁ ତାଙ୍କର ସାଧନା ଏବଂ ସେହି ସାଧନାର ଆଲେଖ୍ୟ "ମୋର ପ୍ରାଣର କଥା"

ଆମର ଦୁର୍ଦ୍ଦଶାରେ ଶ୍ରୀ ଶ୍ରୀ ଠାକୁର ବିଚଳିତ— ଜୀବର ଦୁର୍ଦ୍ଦଶା ଦେଖିକରି ବିଚଳିତ, ଆମ ଦୁଃଖରେ ସେ ବିଗଳିତ—'ଛଲ ଛଲ ଆଖି ପର ଦୁଃଖେ ବିଚଳିତ'। "ମୋର ପ୍ରାଣର କଥା" ତାଙ୍କର ଏହି ବିଚଳିତ ପ୍ରାଣ। ବିଗଳିତ କରୁଣାର ଜାହ୍ନବୀ-ଯମୁନା। ଏହି କରୁଣା ପାଇଁ ସେ କହିଛନ୍ତି "ଜୀବର ଦୁଃଖ ମୋଚନ ପାଇଁ ଅର୍ଥାତ୍ ନିତ୍ୟ ଶାନ୍ତି ଦେବା ପାଇଁ ମନୁଷ୍ୟ, ଏପରି କି ପଶୁ ପକ୍ଷୀର କର୍ଣ୍ଣରେ ମଧ୍ୟ ମୋର ଏହି ସାଧନ ଦେଇ ସେମାନଙ୍କର ସେବା କରିଥାଏ।" (ମୋର ପ୍ରାଣର କଥା) ଏହି କରୁଣା ଲାଗି ତାଙ୍କର ଅଭୟ ବାଣୀ ମୋର ଏହି ଅମୃତମୟ ଧର୍ମ ଯେ ଗ୍ରହଣ କରିବେ ଏବଂ ମୋର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବେ ସେ ଯେତେ ନୀଚ ଜାତି ବା ଯେତେ ବଡ଼ ପାପୀ ହେଉ ନା କାହିଁକି ସେମାନେ ନିଶ୍ଚୟ ଏହି ଜନ୍ମରେ ହିଁ ସେଇ ଶାଶ୍ୱତ ରାଜ୍ୟରେ ପହଞ୍ଚି ଅମରତ୍ୱ ଲାଭ କରି ମହାସୁଖରେ କାଳଯାପନ କରିପାରିବେ।" ଶ୍ରୀଶ୍ରୀ ଠାକୁରଙ୍କର ଏହି ବାଣୀ ସ୍ମରଣ କରାଇ ଦେଉଛି ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ସେହି ନିର୍ଦ୍ଦେଶ—

"ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ;" ତାଙ୍କର ଏହି ପ୍ରାଣର କଥା ମନେ କରାଇ ଦେଉଛି ଶ୍ରୀମଦ୍‌ଭାଗବତର ସେହି ଚିରନ୍ତନ ବାର୍ତ୍ତା—'ଅନୁଗ୍ରହାୟ ଭୂତାନାଂ ମାନୁଷାଂ ତନୁମାଶ୍ରିତଃ।'

ଯେଉଁ ଶାନ୍ତି ରାଜ୍ୟର ସନ୍ଧାନ ଦେବା ପାଇଁ ଶ୍ରୀ ଶ୍ରୀ ଠାକୁର ଆସିଥିଲେ ତାହା କିପରି ଅଟେ? "ମୋର ପ୍ରାଣର କଥା"ରେ

ସେହି ପ୍ରଶ୍ନର ମଧ୍ୟ ଉତ୍ତର ରହିଛି । ସେଇ ଶାନ୍ତ ରାଜ୍ୟରେ 'ନିତ୍ୟାନନ୍ଦ ସୁଖ', ସେଠାରେ ଦୁଃଖର ଲେଶ ମାତ୍ର ନାହିଁ । ଏହି ରାଜ୍ୟର ବର୍ଣ୍ଣନା ସେ ଗୀତ-ସୁଧା ବହିରେ ମଧ୍ୟ କରିଛନ୍ତି—

ସେ ବଡ଼ ପବନ ଦେଶ ନାହିଁ ପାପ ତାପ ଲେଶ ।
ରହେ ନା ଆତ୍ମାର କ୍ଳେଶ କରିଲେ ଆଗମନ ॥

× × ×

ନିତ୍ୟାନନ୍ଦ ନିତ୍ୟୋତ୍ସବ ଅନନ୍ତ ପୂର୍ଣ୍ଣ ବୈଭବ ।
ଅପ୍ରାପ୍ୟ ଅଭାବ ସବ ସକଳି ହେବେ ପୂରଣ ॥

ଏହି ଶାନ୍ତ ରାଜ୍ୟରେ ପହଞ୍ଚାଇ ଦେବା ପାଇଁ ସମସ୍ତ ତୃଷିତ ପଥିକମାନଙ୍କ ପ୍ରତି ତାଙ୍କର ଚିରନ୍ତନ ଆହ୍ୱାନ— 'ଅକ୍ଷୟ ଆନନ୍ଦ ଧାମେ ଚାଲରେ ପଥିକ ମନ ।' ଏହି ଆନନ୍ଦ ଧାମର ପଥ ପଥିକ ମନ ଜାଣେ ନାହିଁ, କିନ୍ତୁ ଜଣେ ଜାଣିଛନ୍ତି, ସେ ସେଠାକୁ ଦଗ୍ଧ-ମାନବଙ୍କୁ ନେବା ପାଇଁ ଆସିଛନ୍ତି । ତାଙ୍କର ସେହି ଆଗମନର ଆଗମନୀ "ମୋର ପ୍ରାଣର କଥା" ।

ମୋର ପ୍ରାଣର କଥାର ମାଧ୍ୟମରେ ଆମେ ଖାଲି ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରାଣର କଥା ଶୁଣିବା ନାହିଁ, ଅମୃତ କିଛି ମଧ୍ୟ ପାଇବା । ତାହା ତାଙ୍କର ଚରିତାମୃତର ଆସ୍ୱାଦ । ଆମେମାନେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ମହାଜୀବ-ଲୀଳାର ବୈଚିତ୍ର୍ୟ ଜୀବନୀ ଗ୍ରନ୍ଥ ମାଧ୍ୟମରେ ପାଇପାରି ନାହୁଁ । କିନ୍ତୁ ଏହି ଶ୍ରୀ ଗ୍ରନ୍ଥର ମାଧ୍ୟମରେ ଆମେ ତାଙ୍କର ଶୈଶବ ଲୀଳାର ଆଂଶିକ ପରିଚୟ ମାତ୍ର ପାଇପାରିବା । ଆମେ ଜାଣି ପାରିବା ମନୁଷ୍ୟର ଦୁଃଖ କଷ୍ଟ ଦୂର କରିବା ପାଇଁ ସେ କଣ ନ କରିଛନ୍ତି ! ଆମେ ଜାଣି ପାରିବା କାହିଁକି ସେ ପୂର୍ବବଙ୍ଗର ରାଜାପୁର ଗ୍ରାମରୁ ସଂକଟମୟ ପଥ ଅତି-କ୍ରମ କରି କୋକିଳାମୁଖୀରେ ସ୍ୱାମୀ ନିଗମାନନ୍ଦ ପରମହଂସ

ଦେବଙ୍କ ସାନ୍ନିଧ୍ୟରେ ଆସିଥିଲେ । ଏହି ଶ୍ରୀଗ୍ରନ୍ଥର ମାଧ୍ୟମରେ ଆମେ ଶୁଣିବା ଶ୍ରୀଗୁରୁଦେବ ଓ ସ୍ୱାମୀ ନିଗମାନନ୍ଦଙ୍କ କଥୋପକଥନ; ଆମେ ବୁଝିବା, ସେ ଦୁଇ ଜଣଙ୍କର ପରସ୍ପର ମଧ୍ୟରେ ସ୍ନେହ ଓ ପ୍ରେମର ଆକର୍ଷଣ । ଆହୁରି କେତେ କଣ । ବାସ୍ତବିକ ପକ୍ଷରେ ରଚିତ ଉପାଦାନରେ "ମୋର ପ୍ରାଣର କଥା" ଯେପରି ଶ୍ରୀଶ୍ରୀଠାକୁରଙ୍କର ଏକ ଜୀବନ ଗ୍ରନ୍ଥ । ଅବଶ୍ୟ ପୂର୍ଣ୍ଣାଙ୍ଗ ନୁହେଁ ତଥାପି ଆସ୍ୱାଦ୍ୟ ଦେବତାଙ୍କର ନିଜର ଲେଖନୀରେ ନିଜର ପ୍ରାଣର କଥା ଅଥବା ଜୀବନ କଥା ଅନୁପମ । ତା ସହିତ ଅନ୍ୟ ରଚୟିତାଙ୍କ ରଚିତ ଜୀବନୀ ଗ୍ରନ୍ଥର ତୁଳନା କରଯାଇ ନ ପାରେ । ଭବିଷ୍ୟତରେ ଶ୍ରୀଶ୍ରୀ ଠାକୁରଙ୍କର ଅନେକ ଜୀବନୀଗ୍ରନ୍ଥ ରଚିତ ହେବ କିନ୍ତୁ ସେଥିରେ ପ୍ରତ୍ୟେକଟିରେ ସେଇ ଆକ୍ଷେପହିଁ ରହିବ, ଯାହା ଶ୍ରୀ କୃଷ୍ଣଦାସ କବିରାଜ ଗୋସ୍ୱାମୀ ମଧ୍ୟ କରିଥିଲେ—'ଜୀବ ହଇୟା କେବା ସମ୍ୟକ୍ ପାରେ ବର୍ଣ୍ଣିବାର । ଜୀବ ହୋଇ ଭଗବାନଙ୍କୁ କେବା ସମ୍ୟକ୍ ବର୍ଣ୍ଣି ପାରିବ କିନ୍ତୁ ମୋର ପ୍ରାଣର କଥା ସମସ୍ତ ଆକ୍ଷେପର ସବୁ ଅପୂର୍ଣ୍ଣତାର ଊର୍ଦ୍ଧ୍ୱରେ ।

ପରିଶେଷରେ ଏହି ଶ୍ରୀଗ୍ରନ୍ଥର ନାମକରଣ ଶ୍ରୀଶ୍ରୀଠାକୁର ସ୍ୱୟଂ କରି ଯାଇଛନ୍ତି । ଏହି ଶ୍ରୀଗ୍ରନ୍ଥର ଶେଷରେ ତାଙ୍କର ଶ୍ରୀମୂର୍ତ୍ତିର ଯେଉଁ ପ୍ରତିକୃତି ରହିଛି ତାହା ତାଙ୍କର ଆବିର୍ଭାବ ସ୍ଥାନ ବରିଶାଲ ଜିଲାର ବଜାପୁର ଗ୍ରାମ ବାସ ସ୍ଥାନର କାଳିମାତା ମନ୍ଦିର ସମ୍ମୁଖରେ ଥିବା ତେନ୍ତୁଳି ବୃକ୍ଷ ମୂଳରେ । ଉକ୍ତ ତେନ୍ତୁଳି ବୃକ୍ଷର ଅନତି ଦୂରରେ ଅଶୋକ ବୃକ୍ଷ ଥିଲା । ତାହାର ମୂଳରେ ବେଦୀ ଉପରେ ଶ୍ରୀଶ୍ରୀଗୁରୁଦେବ ସିଦ୍ଧି ଲାଭ କରିଥିଲେ । ତାଙ୍କର ଅଶେଷ କୃପାରୁ ତାଙ୍କର ସେହି ଶ୍ରୀମୂର୍ତ୍ତିର ପ୍ରତିକୃତି ଆମର ହସ୍ତଗତ ହୋଇଅଛି ।

ଏହି ଶ୍ରୀଗ୍ରନ୍ଥ ପ୍ରକାଶ ପାଇଁ ଯେଉଁମାନେ ସହଯୋଗିତା କରିଛନ୍ତି ସେମାନଙ୍କର ସର୍ବାଙ୍ଗୀନ ମଙ୍ଗଳ ପାଇଁ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣ କମଳରେ ମିନତି ଜଣାଉଛୁ ।

ଜୀବର ମଙ୍ଗଳ ପାଇଁ ଯାହାର ଆବିର୍ଭାବ, ଯାହାର ସ୍ନେହରେ ବିଶ୍ୱଜନନୀର ମାତୃତ୍ୱର ପ୍ରସ୍ରବଣ, କମ୍ବୁକଣ୍ଠରେ ଯାହାର ଅଭୟ ବାଣୀ, ଜୀବ ପ୍ରେମରେ ଯେ ଚଳ ଚଳ, ଯାହାର ଚରଣ ଯୁଗଳ ମାନବର ଅନ୍ତିମ ଆଶ୍ରୟ, ଯେ ଶ୍ରୀ ହରିନାମ ଦାନ ପାଇଁ ଏବଂ ଶ୍ରବଣ ପାଇଁ ଚିର ବ୍ୟାକୁଳ ସେହି ଶ୍ରୀହରି ନାମର ମୂର୍ତ୍ତି ବିଗ୍ରହ ଭଗବାନ ଶ୍ରୀଶ୍ରୀ ଦୁର୍ଗାପ୍ରସନ୍ନ ପରମହଂସ ଦେବଙ୍କର "ମୋର ପ୍ରାଣର କଥା" ଜଗତବାସୀ ଚିର ଉନ୍ମୁଖ ହୋଇ ଶ୍ରବଣ କରନ୍ତୁ—ଏହାହିଁ ପ୍ରାର୍ଥନା ।

ଶ୍ରୀଗୁରୁ ଚରଣାଶ୍ରିତ

ସ୍ୱାମୀ ବିନୋଦାନନ୍ଦ
(ସଭାପତି)

ବାତ୍ସରିକ ମାତୃ ସମ୍ମିଳନୀ
ପବିତ୍ର ଫାଲ୍‌ଗୁନ ୧୩୮୩ ସନ
ଶ୍ରୀଗୁରୁସଂଘ ଆଶ୍ରମ
୧୧/୨ ଦୁର୍ଗାପ୍ରସନ୍ନ ପରମହଂସ ରୋଡ଼
କଲିକତା-୭୦୦୦୪୭



The Greatest Āchāryya S'rī S'rīmat Durgaprasanna Paramhamsa Deva, In The State of Meditation Before Mother KĀLĪ In His Residence at RĀJĀPUR.

ଓଁ

ଶ୍ରୀ ଗୁରୁ ଶରଣମ୍

ମୋର ପ୍ରାଣର କଥା

ମୋର ବାଲ୍ୟକାଳରୁ ସମସ୍ତ ଦେବାଦେବୀଙ୍କ ଉପରେ ଆପଣା ଛୁଏଁ ଶ୍ରଦ୍ଧା ଓ ଭକ୍ତି ରହି ଆସିଥିଲା । ଏହି ସମ୍ବନ୍ଧରେ ମୋର ଶ୍ରୀ ଗୁରୁଦେବ କହିଥିଲେ ଯେ ଏହା ତୁମର ପୂର୍ବଜନ୍ମର କର୍ମଫଳ । ମୁଁ ଛୋଟ ଥିଲାବେଳେ ପାଠଶାଳାରୁ ପଢ଼ା ଶେଷକରି ଘରକୁ ଫେରି, ବହିପତ୍ର ଯଥାସ୍ଥାନରେ ରଖି, ଅନ୍ୟକେତେକ ସାଙ୍ଗପିଲାଙ୍କୁ ସାଥିରେ ନେଇ ନିର୍ଜନ ସ୍ଥାନରେ, ଯେଉଁଠି ଯେଉଁଠି, ଉଇହୁଙ୍କା ଥାଏ ସେଇଠି ସେଇଠି ବସି ଦେବଦେବୀଙ୍କର ମାଟିମୂର୍ତ୍ତି ତିଆରି କରି ପୂଜା କରୁଥାଏ । ମୁଁ ନିଜେ ପୁରୋହିତ ଗୋସାଇଁ ହୁଏ । କଦଳୀଗଛର ପଟରେ ବୋଦା, ମଇଁଷି ତିଆରି କରି ଦେବୀଙ୍କ ପୂଜାରେ ଉତ୍ସର୍ଗ କରି ବଳି ଦେଉଥାଏ ।

କିଛିଦିନ ଏହିପରି ଚାଲିଗଲା । କେତେଦିନ ପରେ ମୋର ଜନ୍ମସ୍ଥାନ ଘରର ଦକ୍ଷିଣ ଦିଗ ବାଉଁଶ ବଣ ଭିତରେ ଉଇ ହୁଙ୍କା ଉପରେ ମଣ୍ଡପ ପ୍ରସ୍ତୁତକରି ଓ କାଳୀ ମାତାଙ୍କର ପୂଜାର ଆୟୋଜନ କରି ଅର୍ଥାତ୍ କେନ୍ଦୁ ଏବଂ ଅନ୍ୟାନ୍ୟ ଖଟା କମଳା, ଜାମୁକୋଳି ଇତ୍ୟାଦି ବନ୍ୟ ଫଳମୂଳ ଦ୍ୱାରା ମାତୃଦେବୀଙ୍କର ପୂଜା କରି କଦଳୀପଟକୁ ସେହି ମା'ଙ୍କର ଆଗରେ ଉତ୍ସର୍ଗ କରି କାଠଖାଇ (ଯାହା ଭିତରେ ବଳି ଦିଆଯାଏ) ଭିତରେ ପୁରାଇ, ମୁଁ ପୁରୋହିତ ଗୋସାଇଁ ହୋଇଥିବାରୁ ମୁଁ ପାଣିପାଟ ହାତରେ ଧରି ବୋଦାର ମୁଣ୍ଡ ପାଖରେ ବସି ମୁଣ୍ଡରେ ପାଣି ସିଞ୍ଚି ଆଣୁ

ଭଙ୍ଗି ବୋଦାର ମୁଣ୍ଡ ଦୁଇହାତରେ ଟାଣି ଧରି ବସିରହିଲି । ଆଉଗୋଟିଏ ପିଲା କଣ୍ଟୁରି ଧରି ଏହି ବୋଦା ଉପରେ ଜୋରରେ ଏକ ଲେଟ୍ ପକେଇଲା । ସେହି ଲେଟ୍ ମୋର ବାମ ଗୋଡ଼ର ଆଣ୍ଠୁ ଉପରେ ପଡ଼ିଲା । ସେହି କଣ୍ଟୁରିର ଅଗ ଆଣ୍ଠୁ ଭିତରେ ବେଶୀ ପରିମାଣରେ ଗଳିଗଲା । ତେଣୁ ସେଇ ପିଲାଟିର କାନ୍ଦ ଓ ମୋର ଚିତ୍କାର ଶୁଣି ବହୁତ ଲୋକ ଜମା ହୋଇ ମୋର କଣ୍ଟୁରି ବାହାର କରି ଆଣ୍ଠୁକୁ ବନ୍ଧାବନ୍ଧ କଲେ । ସେହି ପିଲାଟି ମୋର ଜନ୍ମସ୍ଥାନର ସେହି ଘରର ଉତ୍ତର ପଟର ଗୋଟିଏ ଘରେ ରହୁଥିଲେ । ତାଙ୍କର ନାମ ବ୍ରଜେନ୍ଦ୍ର ଲାଲ ଚକ୍ରବର୍ତ୍ତୀ । ପରେ ସେ ବି. ଏ. ପାଶ କରିଥିଲେ । ଅଳ୍ପ ବୟସରେ ସ୍ତ୍ରୀ ପୁତ୍ର ଛାଡ଼ି ପରଲୋକ ଗମନ କରିଥିଲେ । ମୋର ଆଣ୍ଠୁ ଉପରର ଦାଗ ଏ ପର୍ଯ୍ୟନ୍ତ ଅଛି ; ଯାହାର ଫଳରେ ଏ ପର୍ଯ୍ୟନ୍ତ ଚାଲିବୁଲି କରିପାରେନା । ସେହି କ୍ଷତ ଜାଗାଟି ପାଚିଯିବାରୁ ବହୁ ଦିନ କଷ୍ଟଭୋଗ କରିଥିଲି । ଡାକ୍ତରୀ ଚିକିତ୍ସା ଦ୍ୱାରା ଏବଂ ପିତୃଦେବ ଅନେକ ଟଙ୍କା ଖରଚ କରିଥିବାରୁ ଘା'ଟି ଶୁଖିଗଲା ।

ତାହା ପରଠାରୁ ହିଁ ବାହାରର ପୂଜା ବନ୍ଦ ହୋଇଗଲା ; କିନ୍ତୁ ଅନ୍ତର ମଧ୍ୟରେ ସର୍ବଦା ଶ୍ରୀ ଭଗବାନଙ୍କର ପୂଜା ଆରମ୍ଭ ହେବାକୁ ଲାଗିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ପରର ଦୁଃଖମୋଚନର ଏକ ଐକାନ୍ତିକଭାବ ମନରେ ଜାଗିଉଠିଲା । ସେତେବେଳେ ମୋର ପିତା ମୋତେ କାଗଜ, ସିଲେଟ, ପେନ୍‌ସିଲ ଇତ୍ୟାଦି ସ୍କୁଲରେ ଭର୍ତ୍ତି କରିବା ପାଇଁ ଦିଅନ୍ତି । ମୁଁ ଏକ ମନରେ ଆନନ୍ଦର ସହିତ ତାଙ୍କର ଆଦେଶ ପାଳନ କରିବାକୁ ଲାଗିଲି । ପାଠଶାଳାର ସମସ୍ତ ଛାତ୍ରଛାତ୍ରୀଗଣ ମୋତେ ଖୁବ୍ ଭଲ ପାଉଥିଲେ ଏବଂ ପ୍ରତ୍ୟେକ ଛାତ୍ର ମୋ ନିକଟରୁ ସେହି ସବୁ ଜିନିଷ

କଣୁଥିଲେ । ମୋତେ ଏଥର ହିସାବପତ୍ର ଠିକ୍‌ଭାବରେ ପିତାଙ୍କୁ ଦେବାକୁ ପଡ଼ୁଥିଲା । ଗୋଟିଏ ପଇସା ମଧ୍ୟ ମୁଁ ନଷ୍ଟ କରୁନଥିଲି । ସେଥିଯୋଗୁଁ ସେ ଖପିଦୋଇ ସ୍ଲେଟ, କୁଇନାଇନ୍ ପ୍ରଭୃତି ଅନେକ କିଛି ଜିନିଷ ମୋ ପାଇଁ ବଜାର (ପାଖସହର) ରୁ ଆଣି ଦିଅନ୍ତି । ସେଇଦିନ ଠାରୁ ମୋତେ ବାଣିଜ୍ୟ ବହୁତ ଭଲ ଲାଗିଲା । ଏପରିକି ଏବେ ମଧ୍ୟ ମୋର ବାଣିଜ୍ୟକର୍ମ ବାକି ରହିଛି । ତେବେ ମୁଁ ସେଇ ଜିନିଷ ମଧ୍ୟରୁ କେତେ ପେନସିଲ୍, ରୁଲ୍, କାଗଜ କାଲି ଦୁଇ ଚାରିଜଣ ଗରିବ ବାଳକମାନଙ୍କୁ ବିନାମୂଲ୍ୟରେ ଦେଇଦିଏ । ହିସାବ ଦେବା ସମୟରେ ପିତୃଦେବଙ୍କୁ ସତକଥା କହିଦିଏ । ସେ ସେଥିରେ ଭଲମନ୍ଦ ହାଁ, ହୁଁ କିଛି କହନ୍ତି ନାହିଁ । ଏହି ସମୟରୁ ପରଉପକାର କରିବା, ପରର ଦୁଃଖମୋଚନ କରିବା ପାଇଁ ଏକ ଆକାଂକ୍ଷା ମନରେ ପ୍ରବଳଭାବେ ବଢ଼ିଗଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ପର ଉପକାର ଓ ପରର ଦୁଃଖମୋଚନ ଏହି ଆକାଂକ୍ଷା ମନର ସାର ହୋଇ ଉଠିଲା ଏବଂ ଯଥାସାଧ୍ୟ ଘରର ଧାନ, ଚାଉଳ, ଟଙ୍କା, ପଇସା, ଲୁଗାପଟା ଏବଂ ଔଷଧ ଯେତେବେଳେ ଯାହା ପାରେ ତାହାଦେଇ ପରଉପକାର କରିବାର ଚେଷ୍ଟା କରିବାକୁ ଲାଗିଲି ଏବଂ ଶ୍ରୀ ଶ୍ରୀ ନାରାୟଣଙ୍କର ପୂଜା ସେତେବେଳେ ପ୍ରତିଦିନ କରିବା ଭାର ତାଙ୍କର କୃପାରୁ ମୋ ଉପରେ ହିଁ ନ୍ୟସ୍ତ ଥିଲା । କିନ୍ତୁ ମୁଁ ସେଇଦିନଠାରୁ ଶ୍ରୀ ଶ୍ରୀ ନାରାୟଣଙ୍କର ଶ୍ରୀ ଚରଣରେ କେବଳ ଗୋଟିଏ ମାତ୍ର ପ୍ରବଳ ପ୍ରାର୍ଥନା କରୁଥାଏ । ହେ ମଧୁସୂଦନ, ହେ ଜନାର୍ଦ୍ଦନ, କଣ କଲେ ସର୍ବଜୀବଙ୍କ ବିଶେଷ କରି ମନୁଷ୍ୟର ଦୁଃଖ ମୋଚନ କରିପାରିବି । କିନ୍ତୁ ତାଙ୍କର କୃପାରୁ ସାଥେ ସାଥେ ମନର ଭାବର କ୍ରମଶଃ ପରିବର୍ତ୍ତନ ହେବାକୁ ଲାଗିଲା । ଦେଖେ, ଆଜ ଯଦି ଜଣକୁ ଦୁଇସେର ଚାଉଳ ବା ଦୁଇଟଙ୍କା

ଦେଲି, ଦୁଇଦିନ ପରେ ପୁଣି ସେ ଆସି ଦୁଃଖ ଦୁର୍ଦ୍ଦଶାର କଥା କହି କାତର ପ୍ରାର୍ଥନା କରିବାକୁ ଲାଗିଲା । "ହେ, ପ୍ରଭୁ କଣ କଲେ ମନୁଷ୍ୟର ଦୁଃଖ ଚିରଦିନ ପାଇଁ ଶେଷ କରି ଦିଆଯାଇ ପାରିବ ।" ଏଇ ଭାବନା କରୁଥାଏ ।

ଶ୍ରୀ ଚଣ୍ଡିରେ ଅଛି—"ଯା ଦେବୀ ସର୍ବଭୂତେଷୁ ବୁଦ୍ଧି ରୂପେଣ ସଂସ୍ଥିତା" ତେଣୁ ହେ ମା ତୁମେ ମୋତେ ଏପରି ବୁଦ୍ଧି ଦିଅ ଯାହା କଲେ ମନୁଷ୍ୟକୁ ଚିରଶାନ୍ତି ଦିଆଯିବ ଏବଂ କାହିଁକି ବା ଏତେ ଦୁଃଖ କଷ୍ଟ ମନୁଷ୍ୟ ପାଏ ; ଏହି ଭାବରେ ମୋର ସାଧ୍ୟାନୁସାରେ ପରୋପକାର କରିବାକୁ ଲାଗିଲି । ଏଥର ପୁଣି ଆଉ ଗୋଟିଏ ବୁଦ୍ଧି ଦିଶିଲା । ଭାବିଲି ଯଦି କିଛି ଔଷଧ ପତ୍ର, ତନ୍ତ୍ର, ମନ୍ତ୍ର, ଶିଖିପାରେ ତେବେ ମନୁଷ୍ୟକୁ ଶାନ୍ତି ଦେଇପାରିବି; ମୋର ପିତୃଦେବଙ୍କୁ ବହୁତ ତନ୍ତ୍ର, ମନ୍ତ୍ର, ଔଷଧପତ୍ର ଜଣାଥିଲା । ତେଣୁ ତାହା ଶିଖିବାକୁ ଲାଗିଲି ଏବଂ ତାହା ଦେଇ ପରୋପକାର କରିବାକୁ ଲାଗିଲି । ତାହାଦ୍ୱାରା ରୋଗୀମାନଙ୍କର ମଧ୍ୟ ବେଶ୍ ଉପକାର ହେବାକୁ ଲାଗିଲା; ସେଥିରେ ମନରେ ଖୁବ୍ ଆନନ୍ଦ ଜନ୍ମିଲା ଏବଂ ଆହୁରି ବାହାରକୁ ଯାଇ ତନ୍ତ୍ର ମନ୍ତ୍ର ଶିଖିବା ଇଚ୍ଛା ପ୍ରବଳ ହେଲା । ଜନୈକ ଫରିଦପୁର ଜିଲ୍ଲା ଇଲ୍ଲାକା ନିବାସି ସ୍ୱର୍ଗୀୟ ମହେଶଚନ୍ଦ୍ର ଭୂତ ଚଟ୍ଟଗ୍ରାମର ମଧ୍ୟସ୍ଥଳୀରେ ବଡ଼ ଫକୀର । ସେ ହିନ୍ଦୁକି ମୁସଲମାନ କେହି ତାହା ଜାଣନ୍ତି ନାହିଁ । ତାଙ୍କର କୃପାରୁ ଅନେକ କିଛି ଶିଖିଲି । ପରେ ଫରିଦପୁର ଜିଲ୍ଲାର କୁସିନ୍ଦର ଫକୀର ନିକଟରୁ ମଧ୍ୟ ଅନେକ କିଛି ଶିଖିଲି ।

ଏହି ସବୁର କ୍ରିୟାକଳାପ ଏବଂ ମନ୍ତ୍ରର ଔଷଧିରେ ପ୍ରକ୍ରିୟା ଦ୍ୱାରା ଲୋକଙ୍କର ବେଶ ଉପକାର ହେବାକୁ ଲାଗିଲା । କିନ୍ତୁ ହେଲେ କଣ ? ମନୁଷ୍ୟର ଦୁଃଖ ଯେପରି

କୌଣସି ପ୍ରକାରରେ କମିବାକୁ ନାହିଁ । କେହି ଆଜ ଭଲ ତ, କାଲି ମନ୍ଦ, କେହି ଆଜ ମନ୍ଦ ତ କାଲି ଭଲ । ଏହି ଭାବରେ ଚିନ୍ତାଧାରା ବଢ଼ିବାକୁ ଲାଗିଲା । କିନ୍ତୁ କି ଭଗବତ କୃପା, ମୁଁ କିଛିହେଲେ ବୁଝିପାରିଲିନାହିଁ । ଦିନେ ମୋର ଚିର ସେବିତ ଆଚାର୍ଯ୍ୟ ଦେବ ହଠାତ୍ ରାଜାପୁର ଘରକୁ ଆସି ହେଉଥିଲେ । ସେହିଦିନ ରାତିରେ ଆଚାର୍ଯ୍ୟଦେବଙ୍କ ଚରଣ ତଳେ ଠିଆ ହୋଇ ବିନମ୍ରଭାବରେ ମୋର ମନର ଆକାଂକ୍ଷା ସବୁ ତାଙ୍କୁ କହିଲି । ସେତେବେଳେ ସେ ମାତ୍ର ଗୋଟିଏ ଦୁଇଟି କଥାରେ କହିଲେ ଯେ ଦେଖ ବାପା, ତୁମର ଉଦ୍ଦେଶ୍ୟ ଅତି ମହତ୍, ଏହି ଭାବରେ ଅଗ୍ରସର ହୁଅ କିନ୍ତୁ ବାବା ସାବଧାନ, ସର୍ବଦା ନିଜର ଚରିତ୍ରଟିକୁ ସର୍ବପ୍ରକାରେ ଠିକ୍ ରଖି ଏହି ସମସ୍ତ କାର୍ଯ୍ୟ କର । ତାହାହେଲେ ହିଁ ଏହି କର୍ମର ଅର୍ଥାତ୍ ପରୋପକାର ଏବଂ ସେବାର ଫଳରୁ ଅନେକ ଊର୍ଦ୍ଧ୍ୱକୁ ଉଠିପାରିବ । ଏହା ସଙ୍ଗେ ସଙ୍ଗେ ଆଉ ଗୋଟିଏ କଥା ଶୁଣ, ଦେଖ ବାବା, ଏହି ସମସ୍ତ ବିଷୟ ନେଇ ସାଧୁମାନଙ୍କ ନିକଟକୁ ଗଲେ ଏବଂ ଆଲାପ ଆଲୋଚନା କଲେ, ବିସ୍ତାରିତଭାବେ ସବୁ ଜାଣିପାରିବ ।

ଆଚାର୍ଯ୍ୟଦେବଙ୍କର ଆଜିର ଏହି ଉପଦେଶାବଳୀ ମୁଁ ଶିରୋଧାର୍ଯ୍ୟ କରି ଏବଂ କଣ୍ଠହାର କରି ସେହି ପଥରେ ଚାଲିବାକୁ ଲାଗିଲି । ଏଣିକି କ୍ରମଶଃ କେଉଁଠି ସାଧୁ, କାହା ନିକଟକୁ ଯିବି, ଆଉ କିଏ ବା ମୋତେ ପ୍ରାଣଭରି ଉପଦେଶ ଦେବେ, ଏପରି ଦୟାଳୁ ସାଧୁ କିଏ ଅଛନ୍ତି, ମୁଁ କଣ ଦେଖା ପାଇବି ଇତ୍ୟାଦି ଭାବରେ ଅନେକ କିଛି ଇଆଡ଼ୁ ସିଆଡ଼ୁ ଭାବନା ମନରେ ଉଠିବାକୁ ଲାଗିଲା । ମୁଁ ସେତେବେଳକୁ ଗୁରୁଙ୍କର ସଂସାରୀ । କହିବାକୁ ଗଲେ ସଂସାରର ଲୋକ । କିନ୍ତୁ ତା ମଧ୍ୟରେ

ସର୍ବାଗ୍ରେ ଗୋଟିଏ ଭାବ ଥିଲା । ଏହି ଯେଉଁ ବିଶ୍ୱସଂସାର ମଧ୍ୟରେ ମୁଁ କ୍ଷୁଦ୍ରାଦପି କ୍ଷୁଦ୍ର ଗୋଟିଏ ସଂସାର ନେଇଅଛି, ଏହା ତ ଶ୍ରୀଭଗବାନଙ୍କର । ମୋତେ କର୍ମଶୃଙ୍ଖଳ ରଖିଛନ୍ତି ମାତ୍ର ! ତେଣୁ କର୍ମକରି ଏହି ସଂସାରଟିକୁ ଏପରିଭାବେ ସଜ୍ଜିତ କରିବି ଯେପରି ଶ୍ରୀଭଗବାନ ମୋର ସର୍ବବିଧ କାର୍ଯ୍ୟାବଳୀ ଏବଂ ତାଙ୍କର କ୍ଷୁଦ୍ର-ସଂସାରଟିକୁ ଦେଖି ମୋ ଉପରେ ସନ୍ତୁଷ୍ଟ ହୋଇ ମୋତେ ଅଯାଚିତ କରୁଣା କରିବେ । ତେଣୁ ଦିନରାତି ଆହାର ନିଦ୍ରାକୁ ଭ୍ରୂକ୍ଷେପ ନକରି କି ରୂପେ ସଂସାରର ଉନ୍ନତି ହେବ, କିପରି ଲୋକଙ୍କର ଉପକାର କରିବି ଏହି ଚିନ୍ତା କେବଳ ସାର ହେଲା ଏବଂ କ୍ରମଶଃ ଉନ୍ନତି ମଧ୍ୟ ହେବାକୁ ଲାଗିଲା । ଏଣିକି ମୋ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା ଯେ ମୁଁ ଯେଉଁସବୁ ଔଷଧ ଦେଇ ଲୋକମାନଙ୍କର ଉପକାର କରୁଛି ଏହି ଔଷଧତ ଦୁର୍ଲ୍ଲଭ, ସୁତରାଂ ସହଜ କରିବା ପାଇଁ ଔଷଧ ଗଛର ବଗିଚା କରିବାକୁ ଆରମ୍ଭ କଲି । ବହୁ ଦେଶ ଦେଶାନ୍ତରରୁ ଲତାପତ୍ରର ଗଛ ଆଣି ବଗିଚା କରିବାକୁ ଲାଗିଲି ଏବଂ ଦିନର ଅଧିକାଂଶ ସମୟ ସେହି ବଗିଚାରେ କଟାଇ ନିଜ ହାତରେ ଦାଆ, ଖଣତି, ଧରି ବଗିଚାର କାର୍ଯ୍ୟକରି ମନରେ ଅଶେଷ ଆନନ୍ଦ ପାଇଲି । ଏହି ବୃକ୍ଷାଦିର ଯତ୍ନ କରୁ କରୁ ମୋର ମନରେ ସ୍ଥିରତା ଆସିଗଲା ଏବଂ ମୋ ମନରେ କୌଣସି କୁଟିଳତା ଆଉ ରହିଲା ନାହିଁ । ତେଣୁ ମୁଁ ଆଜିକାଲି ମଧ୍ୟ ବୃକ୍ଷ ଇତ୍ୟାଦିର ଯତ୍ନ କରିବାକୁ ଏବଂ ନାନାବିଧ ଔଷଧ ବୃକ୍ଷରୋପଣ କରିବାକୁ ଚେଷ୍ଟା ଓ ଯତ୍ନ କରେ ଏବଂ ଭଲପାଏ ।

ରାତ୍ରିରେ ଅଧିକାଂଶ ସମୟ ଜାଗରଣ କରି ଶ୍ରୀନାମ ଜପ କରେ ଓ ଏକମାତ୍ର ପ୍ରାର୍ଥନା କରେ—ହେ କରୁଣାମୟ, କଣ କଲେ ମନୁଷ୍ୟର ଦୁଃଖ ଚିରକାଳ ପାଇଁ ଦୂର କରି ଦିଆଯାଇ ପାରିବ ଓ

କେଉଁଠି ସେ ଔଷଧ ମିଳେ ? ଏପରି କଣ କୌଣସି ପଥ ନାହିଁ ? ମନୁଷ୍ୟ କଣ ଚିରକାଳ ଏହି ଭାବରେ ଦୁଃଖ ସାଗରରେ ଭାସୁଥିବ ? ଏହିପରି କହି ଗୀତରେ ଭଜନ କରିବା ସମୟରେ ପରମେଶ୍ୱରଙ୍କ ନିକଟରେ ଅନେକ ଗୀତ କାନ୍ଦି କାନ୍ଦି ଜଣାଏ । ପୁଣି ପ୍ରାର୍ଥନା କରେ, ହେ ଅଚ୍ୟୁତ, ଲୋକେ କେତେପ୍ରକାର ସିଦ୍ଧି ଲାଭ କରନ୍ତି, ପୁଣି କେହି କେହି ଭୂତ, ଫୁତ କେତେପ୍ରକାର ଦେଖିପାରନ୍ତି । କିନ୍ତୁ ମୁଁ ସେସବୁ କିଛି ଚାହେଁ ନା । ମୁଁ ଚାହେଁ କେବଳ ମନୁଷ୍ୟର ଦୁଃଖ ଚିରଦିନ ପାଇଁ ମୋଚନ କରି ତାହାକୁ ଚିରଶାନ୍ତି ଦେବା । ପୁଣିଭାବେ ଏପରି ରାଜ୍ୟ କଣ କେଉଁଠି ଅଛି ? ମନେହୁଏ ଏପରି ଭାବନା ଦ୍ୱାରା ବୋଧହୁଏ ଅମୂଲ୍ୟ ସମୟ ବହୁତ ନଷ୍ଟକଲି । ପୁଣି ମନେହେବାକୁ ଲାଗିଲି ଯେ, ନା ନା ନିଶ୍ଚୟ ଶାନ୍ତି ରାଜ୍ୟ ଅଛି । ତାହାର ସନ୍ଧାନ ପାଇବା ଦରକାର ଏବଂ ସେଠାର ତତ୍ତ୍ୱ ଅବଗତ ହୋଇ ସେଇ ଦେଶଟିର ରୂପ କିପରି ତାହା ଦେଖିବା ଦରକାର । ଏହି ଭାବରେ ମନରେ ଆକାଂକ୍ଷା ପ୍ରବଳ ଭାବରେ ବଢ଼ି ଗଲା । ସେତେବେଳେ ମୁଁ ତିନବେଳା ସ୍ନାନକରି ପ୍ରାତଃକାଳରୁ ଉଠି ସନ୍ଧ୍ୟାବନ୍ଦନା ଆଦି ଘାଟରେ ବସି କରେ । ଏହି ଟିକିକ ମାତ୍ର ବାହାର ଲୋକେ ଦେଖି-ଥାନ୍ତି । ଏହାଛଡ଼ା ମୋର ମନର ଭାବଧାରା କିମ୍ବା କାର୍ଯ୍ୟକଳାପ କେହି କିଛି ଜାଣିପାରନ୍ତି ନାହିଁ କି ବୁଝିପାରନ୍ତି ନାହିଁ । ମନର କଥା ମନରେ ରଖି ଏହି ଭାବରେ ଭଜନ କରି ବିଶ୍ୱେଶ୍ୱରଙ୍କ ନିକଟରେ ଦୁଃଖମୋଚନ ପାଇଁ ପ୍ରାର୍ଥନା କରିବାକୁ ଲାଗିଲି । ଦୟାଳୁଗୁରୁଙ୍କର ସ୍ମରଣ ଚିତ୍ତରେ ଜାଗ୍ରତ ହେଲା । ସେ ବୁଦ୍ଧି ରୂପରେ ମୋତେ ପୁଣି ନୂତନ ବୁଦ୍ଧିରେ ଜାଗ୍ରତ କରିବାକୁ ଲାଗିଲେ ।

ହଠାତ୍ ହଠାତ୍ ମନରେ ଉଠିଲା ଯେ ବରିଷାଲ ଯିବି । ବରିଷାଲ ଗୁଇଲାଘାଟରେ ୧୫ ମାଇଲ । ବର୍ତ୍ତମାନରେ ଯାତ୍ରା ଅତିକ୍ରମ

କରି ବରିଷାଲରେ ପହଞ୍ଚିଲି । ସେଠାକୁ ଯାଇ, ମନମଧ୍ୟରେ ପ୍ରବଳ ବାସନା ଯେ କେଉଁଠି ସାଧୁ ପାଇବି କି ନାହିଁ ? ଗୋଟିଏ ଲୋକ ରାସ୍ତାରେ କହିଥିଲା ଯେ ଶ୍ମଶାନରେ ଅନେକ ସାଧୁ ଆଆନ୍ତି । ସେଇଠାରୁ ପୁରୁଣା ଶ୍ମଶାନକୁ ଯାଇ କେତେକଜଣସାଧୁଙ୍କୁ ଦେଖିବାକୁ ପାଇଲି । ସମସ୍ତଙ୍କ ନିକଟରେ ବୁଲିବୁଲି କରି ଜଣଙ୍କ ନିକଟରେ ଧୁନି ଜଳୁଥିବା ଦେଖି ତାଙ୍କ ସହିତ ଆଳାପ ଆଲୋଚନା କରି ଧୁନି ପାଖରେ ବସି ରାତି କଟାଇ ଦେଲି । ଭୋରରୁ ସାଧୁ ମୋତେ ଗୋଟିଏ ମନ୍ତ୍ର କହିଦେଲେ । ମନ୍ତ୍ରଟି ବେଶ୍ କାର୍ଯ୍ୟକାରୀ ମନେ ହେଲା । କିନ୍ତୁ ମୋର ମନର କଥା ତ କିଛିହେଲେ କହିଲେ ନାହିଁ । ତାହାର ନିକଟରେ ଥିଲା ସ୍ୱର୍ଗୀୟ କାଳୀଶ ପଣ୍ଡିତ ମହାଶୟଙ୍କର ଆତୁର ଆଶ୍ରମ ଥିଲା । ପରେ ସେଠାକୁ ଯାଇ କିଛି ସମୟ ବସି ରହିବା ପରେ ଉକ୍ତ ପଣ୍ଡିତ ମହାଶୟଙ୍କ ସଙ୍ଗେ ଦେଖାହେଲା । ତାଙ୍କ ସହିତ ଅନେକ ସମୟ ଆଲୋଚନା ହେବାପରେ ସେ କହିଲେ —ବାବା ତୁମର ଏଇ ସମସ୍ୟାର ସମାଧାନ ଆସାମ କୋକିଳା ମୁଖୀର ସାଧୁଙ୍କ ପାଖକୁ ଗଲେ ସେ ତୁମକୁ ଶାନ୍ତି ଦେଇପାରିବେ । ସେହି ସମୟରୁ ମୁଁ ବହୁତ ଚେଷ୍ଟା କରି ସେହି ଆଶ୍ରମକୁ ଯାଇ ସ୍ୱାମୀଜୀଙ୍କ ସଙ୍ଗରେ ଦେଖା କରି ତାଙ୍କ ନିକଟରେ ଠିଆହୋଇ ରହିଲି । ମୋତେ ଦେଖିବାମାତ୍ରେ ସେ ଯୋରରେ କହିଲେ— "ଏହି ପିଲାଟିତ ବିଶ୍ୱସେବକ, ଏହାକୁ ବସିବାକୁ କହ ।" ଏହି କଥା କହିବାମାତ୍ରେ ମୋର ହୃଦୟ ବିଭୋର ହୋଇଗଲା । ମୁଁ ସାଷ୍ଟାଙ୍ଗ ଦଣ୍ଡବତ କରି ବାହାରକୁ ଆସିଲି । ଆଶ୍ରମସ୍ଥ ଅନେକ ଶିଷ୍ୟ ମୋର ଯତ୍ନ କରିବାକୁ ଲାଗିଲେ । ସେମାନଙ୍କର ମଧୁର କଥା ବ୍ୟବହାରରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଜଣେ କହିଲେ ଆପଣ ଆଜ ଚିନ୍ତା କରୁଛନ୍ତି କାହିଁକି ? ଆପଣଙ୍କର ଶୁଭଯୋଗ

ହୋଇଛି । ସ୍ୱାମିଜୀତ ଆପଣଙ୍କୁ ଉତ୍ତମ ବୋଲି ମାନିନେଲେଣି । ଆପଣ ନିଶ୍ଚିନ୍ତ ରହନ୍ତୁ । ସ୍ନାନ, ଆହ୍ନିକ ଇତ୍ୟାଦି ନିତ୍ୟକର୍ମ ଶେଷକରି ଆରାମ କରନ୍ତୁ । ଆପଣ ଏଠାରେ ଘର ଭୁଲନ୍ତୁ । ଆମେ ସମସ୍ତେତ ଆପଣଙ୍କ ନିଜଲୋକ । ଏହି ଭାବରେ ସେଠାରେ ସମସ୍ତଙ୍କ ସହିତ ମିଳିମିଶି କାମକରି ରହିଲି । ଆଶ୍ରମବାସୀଗଣ କହନ୍ତି ଆପଣ ଏତେ କାମ କାହିଁକି କରୁଛନ୍ତି ? ମୁଁ ଉତ୍ତର ଦିଏ— ମୁଁ ଯଦି ଆପଣମାନଙ୍କ ମଧ୍ୟରୁ ଜଣେ ହେବି ଏଠାର ସବୁ କାମ ମଧ୍ୟ ମତେ ଆପଣମାନଙ୍କ ସହିତ ମିଶି କରିବାକୁ ହେବ ।

ତିନିଦିନ ପରେ ସ୍ୱାମୀଜୀ ମୋତେ ଏକୁଟିଆ ଡାକି ପଚାରିଲେ ତୁମେ କଣ ଚାହଁ ? ତୁମ ମନର ଉଦ୍ଦେଶ୍ୟ କଣ ସବୁ ନିର୍ଭୟ ଚିତ୍ତରେ ମତେ କୁହ । ମୁଁ ଅବନତ ମସ୍ତକରେ କହିବାକୁ ଲାଗିଲି— ସର୍ବଜୀବର ଦୁଃଖ ମୋଚନ କରି ଶାନ୍ତି କିପରି ଦିଆଯାଇ ପାରିବ, ଏହି ବିଶ୍ୱ ଚରାଚରର ସର୍ବଜୀବର ଦୁଃଖ, ଦାରିଦ୍ର୍ୟ ଦୂର କରିବା ମୋ ଜୀବନର ଏକମାତ୍ର ପ୍ରଧାନ ଲକ୍ଷ୍ୟ । ଏହି ଅଭୀଷ୍ଟ ଏହି ଶ୍ରୀଚରଣରେ ଏହିଥର ହିଁ ସିଦ୍ଧି କରିବାକୁ ଚାହେଁ । ସେ ଟିକେ ହସି ତା'ପରେ କହିଲେ—ବାବା ତୁମ ଉଦ୍ଦେଶ୍ୟତ ଅତି ମହତ, ଅତି ସୁନ୍ଦର, ଆଚ୍ଛା କହିଲ ଦେଖି ଜୀବର ଦୁଃଖ କି ପ୍ରକାରେ ଦୂର କରିବାକୁ ଚାହଁ ? ମୁଁ କହିଲି ଯେ ମୁଁ ବାଲ୍ୟଅବସ୍ଥାରୁ ହିଁ ସାଧ୍ୟାତୀତ ଭାବେ ମନୁଷ୍ୟର ସେବା ଅର୍ଥାତ୍ ରୋଗୀର ସେବା, ଔଷଧ ଦେବା ଏବଂ ଅର୍ଥାଦି ଦ୍ୱାରା ଅନେକ ଚେଷ୍ଟା କରିଛି । କିନ୍ତୁ କୌଣସି ପ୍ରକାରେ ଗୋଟିଏ ପ୍ରାଣୀକୁ ମଧ୍ୟ ଶାନ୍ତି ଦେଇ ପାରୁନାହିଁ । ଆଜି କିଛି ଚାଉଳ କିମ୍ବା ଟଙ୍କା କାହାକୁ ଦେଲେ ଦୁଇ ଚାରିଦିନ ପରେ ପୁଣି ସେହି ବ୍ୟକ୍ତି ତାହାର

ଅଭାବର କଥା କିମ୍ବା ରୋଗର କଥା ନେଇ ଉପସ୍ଥିତ ହୋଇଥାଏ । ଏପରି ଭାବରେ ସେବା କରିବାକୁ ଚାହେଁ ଯେ ଯେପରି କାହାର କେବେହେଲେ ଆଉ ଦୁଃଖ ରହିବ ନାହିଁ । ନିତ୍ୟ ଶାନ୍ତିରେ ରହି ପାରିବ । ଆପଣ ସର୍ବଜ୍ଞ । ଆପଣ ଦୟାକରି ଏହାର ଉପାୟ ବତାଇ ଦିଅନ୍ତୁ । ତାପରେ ସେ କହିଲେ— ଏହାତ ବଡ଼ କଠିନ କଥା ଏବଂ ମହତ୍ ଉଦ୍ଦେଶ୍ୟ । ମନୁଷ୍ୟଙ୍କୁ ଯଦି ଚିରଶାନ୍ତି ଦେବାକୁ ଚାହଁ ତେବେ ଆଗେ ନିଜେ ମନୁଷ୍ୟ ହୁଅ । ପରେ ଅନ୍ୟର ସେବା କରି ମନୁଷ୍ୟ କରି ତୋଳିବ । ତାପରେ ତାକୁ ଶାନ୍ତ ଧାମକୁ ପଠାଇ ପାରିବ । ଅର୍ଥାତ୍ ଯେଉଁ ଦେଶରେ ନିତ୍ୟଶାନ୍ତି ନିତ୍ୟ ସୁଖ ଚିରକାଳ ବିରାଜିତ ।

ମୁଁ ଏହି ବାଣୀ ଶୁଣି ଏକଦମ୍ ଆଶ୍ଚର୍ଯ୍ୟ ହୋଇ ଚିନ୍ତା କରିବାକୁ ଲାଗିଲି ଯେ ଏପରି ଦେଶ କ'ଣ ସତେ ଅଛି ? ଯେ ସେହି ସବୁ ଦେଶରେ ରୋଗ ଶୋକ ଦୁଃଖ ସୁଖ ଦେଖାଯାଏ । ଟିକିଏ ପରେ ସେ କହିଲେ—ଆରେ ଦେଖ ଶ୍ରୀ ଭଗବାନଙ୍କ ରାଜ୍ୟରେ ସବୁଅଛି । କିଛି ଅସମ୍ଭବ ନାହିଁ । ଏକ୍ଷଣି ଆଉ ଚିନ୍ତା ନକରି ବାହାରେ ଯାଇ ବୁଲିବୁଲି କରି ଆସ । ପରେ ଯାହା ହେବାର ହେବ ।

ମୁଁ ବାହାରକୁ ଆସିଲି । ମନରେ ଚିନ୍ତାଧାରା ଆହୁରି ବଢ଼ି ଗଲା । ଏହି ନିତ୍ୟ ଶାନ୍ତିର ଦେଶ କେଉଁଠି ? ଆଉ କିପରି ବା ସେଠାକୁ ଯିବାକୁ ହେବ । ଏଇ ସବୁ ଚିନ୍ତା କରି ମୋର ନିଦ୍ରା, କ୍ଷୁଧା କମିବାରେ ଲାଗିଲା । ପରଦିନ ସାଧନ କରିସାରି ସ୍ୱାମିଜୀ ବାହାରକୁ ମୋତେ ଡାକିଲେ । ମୁଁ ଦଣ୍ଡବତ କରି ଅବନତ

ମସ୍ତକରେ ଠିଆ ହୋଇ ରହିଲି । ସେ କହିଲେ, ଆରେ, ତୁ କଣ ପାଗଳ ହେବୁ ନା କଣ ? ତେବେ ଶୁଣ୍, ସର୍ବଜୀବଗଣଙ୍କୁ ନିତ୍ୟ ଶାନ୍ତି ଓ ପରମାନନ୍ଦରେ ରହିବା ପାଇଁ ଶ୍ରୀଭଗବାନ ଗୋଟିଏ ଅତି ମନୋରମ ଦେଶ ତିଆରି କରି ରଖିଛନ୍ତି । ଯଦି ବହୁ କ୍ଲେଶ କରି ଗୋଟିଏ ହେଲେ ମନୁଷ୍ୟଙ୍କୁ ଉପଯୁକ୍ତ କରି ସେହି ଦେଶକୁ ପଠାଇ ପାରି, ତେବେ ସେ ନିତ୍ୟ ଶାନ୍ତିରେ ଚିରଦିନ ସେଦେଶରେ ବାସ କରି ଚିର ସୁଖରେ କାଳଯାପନ କରିପାରିବ ଏବଂ କୌଣସି ଦିନ ହେଲେ ଏହି ଦୁଃଖାର୍ଣ୍ଣବ ରାଜ୍ୟକୁ ଆସିବାକୁ ପଡ଼ିବ ନାହିଁ ।

ଏହି କଥା ଶୁଣି ମୁଁ ଆତ୍ମହରା ହୋଇ ପଡ଼ିଲି ଏବଂ କିପରି ସେଇ ଶାନ୍ତି ରାଜ୍ୟର ଠିକଣା ପାଇବି ଏହି ଚିନ୍ତା କେବଳ ମନରେ ସର୍ବଦା ପ୍ରବଳ ହୋଇ ଉଠିଲା ।

ତାପରେ ସେ କହିଲେ, ଏତେ ବ୍ୟସ୍ତ ହୁଅନାହିଁ, ଯଦି ଏକାନ୍ତ ଭାବେ ନିତ୍ୟ ଶାନ୍ତି ମନୁଷ୍ୟଙ୍କୁ ଦେବାକୁ ଚାହଁ ତେବେ ନିଜେ ପ୍ରଥମେ ସାଧନ ଭଜନ କର, ଜିତେନ୍ଦ୍ରିୟ ହୁଅ, ଅଥଚ ବାହ୍ୟିକ ସେବା କର । ସାଧନ ଭଜନ ଠିକ କରି ପାରିଲେ, ଇନ୍ଦ୍ରିୟ ସଂଯତ ହୋଇପାରିଲେ ଏବଂ ସର୍ବ ବିଷୟରେ କାମନାଶୂନ୍ୟ ହୋଇପାରିଲେ, ପର ନିନ୍ଦା, ପରର ଦୋଷ ଓ ଆଲୋଚନା କରିବା ସର୍ବୋତ ଭାବେ ପରିତ୍ୟାଗ କରିପାରିଲେ, କୌଣସି ଦିନ ଭୁଲକ୍ରମେ ମଧ୍ୟ କାହାର ଗୁଣର ଦୋଷାରୋପ କରିବ ନାହିଁ—ଏହି ସମସ୍ତ ଠିକ ହେଲେ ସେତେବେଳେ କେବଳ ତୁମେ ପ୍ରକୃତ ସେବାର ଅଧିକାରୀ ହୋଇପାରିବ ଅର୍ଥାତ୍ ଯେଉଁ ସେବା ଦ୍ୱାରା ମନୁଷ୍ୟଙ୍କୁ ପ୍ରକୃତ ଶାନ୍ତି ଦେବାକୁ ସକ୍ଷମ ହେବ ।

ଏହି କଥା ଶୁଣି ମୋର ମନ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । କେବଳ ଦିନ ଗଣିବାକୁ ଲାଗିଲି । ଆଉ ମା କାମାକ୍ଷା ଦେବୀଙ୍କର ଚରଣରେ ପ୍ରାର୍ଥନା କରିବାକୁ ଲାଗିଲି "ମା କେବେ ଗୁରୁ କୃପା କରିବେ ?"

ଆଉ ଦିନେ ମଧ୍ୟ ଆଶ୍ରମରେ ରହିବା ଚିନ୍ତାର ବିଷୟ ହୋଇ ପଡ଼ିଲା, କାରଣ ଟଙ୍କା ବେଶୀ ସଙ୍ଗରେ ଆଣି ନଥିଲି, ଚିଠି ଲେଖି ଘରୁ ମଗାଇବି, ସେତେବେଳେ ସେପରି ସୁଯୋଗ ମଧ୍ୟ ନଥିଲା । ତେଣୁ ମୁଁ ଆଶ୍ରମର ଯେଉଁ ସବୁ କାର୍ଯ୍ୟକୁ ଟଙ୍କା ଖରଚ କରି କରାଯାଉଥିଲା ସେ ସବୁ କାର୍ଯ୍ୟରୁ କିଛି କରିବାକୁ ଲାଗିଲି । ଆଶ୍ରମବାସୀମାନେ ଏପରି କାର୍ଯ୍ୟ କରିବାକୁ ମୋତେ ମନା କରନ୍ତି । କିନ୍ତୁ ମୁଁ ତାହା ଶୁଣେ ନାହିଁ । ମୁଁ ଅନ୍ତତଃ ମୋର ନିଜର ଖର୍ଚ୍ଚର ପରିମାଣ ଟଙ୍କାର କାର୍ଯ୍ୟ କରି ଯିବାକୁ ଲାଗିଲି । ଆଶ୍ରମ ବାସୀମାନେ ପ୍ରତ୍ୟେକେ ମୋ ଉପରେ ସନ୍ତୁଷ୍ଟ ଥାନ୍ତି । ଏବଂ ଗୁରୁଦେବଙ୍କ ନିକଟରେ ମୋର ଅନେକ ପ୍ରଶଂସା କରୁଥାଆନ୍ତି । ଗୁରୁଦେବ କହନ୍ତି—ମୁଁ ତାକୁ ପ୍ରଥମ ଦିନ ଦେଖି କହିଛି ଯେ ସେ ଜଣେ ବିଶ୍ୱସେବକ ଓ ସମସ୍ତ କାର୍ଯ୍ୟ ସେ ସେବା ବୋଧରେ କରେ । ସୁତରାଂ ତାର ମନରେ ସବୁ ସମୟରେ ଆନନ୍ଦ ଲାଗି ରହିଛି । ତାହା ଦ୍ୱାରା ଜଗତର ପରମ ମଙ୍ଗଳ ହେବ ।

ଆକୁଳ ପ୍ରାଣେ ଡାକେ ଯେ ବାରେ ।
ତାହାରେ ଗୁରୁ କୃପା କରେ ।।

ଏହି କଥାର ପ୍ରତ୍ୟକ୍ଷ ପ୍ରମାଣ ମୋର ଭାଗ୍ୟରେ ହୋଇଥିଲା, ମୁଁ ଅଭିଭୂତ ହୋଇ ପଡ଼ିଲି ।

ଦିନେ ହଠାତ୍ ଗୁରୁଦେବ ଡାକି ରାତ୍ରରେ କହିଲେ—"ଆଗାମୀ କାଲି ଭୋର ଚାରିଟା ସମୟରେ ଶଯ୍ୟୋତ୍ଥାନ କରି, ପ୍ରାତଃସ୍ନାନ କରି ମୋର ସାଧନ ଘରକୁ ଯାଇ ବସିଥିବ। ତୁମ ଉପରେ ମା କାମାକ୍ଷା ପ୍ରସନ୍ନ ହୋଇଅଛନ୍ତି।

ମୁଁ ସେଇ ଭାବେ ହିଁ ପ୍ରସ୍ତୁତ ହୋଇ ଯଥା ସମୟରେ ସ୍ନାନ କରି ମା ମା କହି କହି ସାଧନ ଘରେ ଯାଇ ବସି ରହିଲି। ଦେଖୁ ଦେଖୁ ଶ୍ରୀ ଗୁରୁଦେବ ସ୍ନାନ କରି ସାଧନ ଘରକୁ ଆସି ଆସନରେ ବସି ପଡ଼ିଲେ ଏବଂ ମୋତେ ଡାକି ମୋର ସେହି ପ୍ରଥମ ଆଗ୍ରହୀ ଦେବଙ୍କୁ ଭୂରି ଭୂରି ପ୍ରଶଂସା କରି ମୋତେ ସେହି ଶୁଭକ୍ଷଣରେ ଦେବଦୁର୍ଲ୍ଲଭ ସାଧନ ଦେଲେ ଏବଂ "ଆଉ ମୋର ସମୟ ନାହିଁ ଅନ୍ୟ କଥା ପରେ କହିବି" କହିଲେ।

ମୁଁ ଟିକିଏ ଘୁଞ୍ଚି ଆସି ସ୍ତବ୍ଧ ହୋଇ ଅନେକ ସମୟ ବସି ରହିଲି। ଗୁରୁଦେବ ତାଙ୍କ ଆସନରେ ସାଧନ କରିବାକୁ ଗଲେ। ମୁଁ ବାହାରକୁ ଆସିଲି। ସେତେବେଳେ ପୁଣି ଏକ ନୂଆ ଭାବ ଉଦୟ ହେଲା। ସେଇଟା ହେଲା—କିଣ କଲେ ଗୁରୁଦେବ ମୁଁ ହେବେ ମା କପରି ଭାବରେ ତାଙ୍କର ସେବା କରିବି। ଏଇ ଭାବନା ମନରେ ପ୍ରବଳଭାବେ ଜାଗରିତ ହେବାକୁ ଲାଗିଲା।

ସାଧନ ଦେବାର କିଛିଦିନ ପରେ ଶ୍ରୀଗୁରୁଦେବ ରାତ୍ରରେ ଡାକି କହିଲେ—"ତୋର ଆକୁଳ ପ୍ରାର୍ଥନା ଦ୍ୱାରା ଏବଂ ତୋର କର୍ମକୌଶଳତା ଦ୍ୱାରା ମୁଁ ଏବଂ ଆଶ୍ରମସ୍ଥ ସମସ୍ତେ ସନ୍ତୁଷ୍ଟ ହୋଇ ଅଛୁ। ଆଜିଠାରୁ ପ୍ରତ୍ୟେକ ଦିନ ରାତ୍ରରେ ତୋତେ ଉପଦେଶ ଦେବି।

ମୁଁ କହିଲି "ଆପଣ ଯାହା ଭଲ ମନେ କରନ୍ତୁ, ଏହି ଦେହ ଉପରେ ମୋର ଆଉ କୌଣସି ଅଧିକାର ନାହିଁ । ଅଛି ଖାଲି ଗୋଟିଏ ଆକୁଳ ପ୍ରାର୍ଥନା, କିପରି ମନୁଷ୍ୟର ସେବା କରି ନିତ୍ୟଶାନ୍ତିର ଅଧିକାରୀ କରାଇ ଦୁଃଖ କଷ୍ଟ ଲାଘବ କରିପାରିବି । କେଉଁଠାରେ ସେହି ଶାନ୍ତି ରାଜ୍ୟ ? ଏବଂ ସେଇ ଦେଶର ବା ନାମ କଣ ? କେଉଁ ରାସ୍ତା ଧରି ଯିବାକୁ ହୁଏ ? ଏହି ଏକମାତ୍ର ମନର ଆକୁଳ ପ୍ରାର୍ଥନା ଏଇ ଅଭୟଚରଣରେ । ଏହା ଶୁଣି ସେ କହିଲେ— "ଦେଖ ବାବା, ତୁମର ଏହି ମହତ୍ ଉଦ୍ଦେଶ୍ୟ ଦୟାଳୁ ହରି ନିଶ୍ଚୟ ପୂରଣ କରିବେ ।" ଏହା କହି ସେ କେତେ ଗୁଡ଼ିଏ ଉପଦେଶ ଅର୍ଥାତ୍ ଅତି ଗୂଢ଼ ସାଧନ ରହସ୍ୟ କହିଲେ ।

ମୁଁ ଏକ ମନରେ ଉପଦେଶ ଗ୍ରହଣ କରି ଠିକ ସେହି ଭାବରେ କାର୍ଯ୍ୟ କରି ଚାଲିବାକୁ ଲାଗିଲି । ପୁଣି ତଦନନ୍ତର ପରେ ସବିଶେଷ ରେ ଡାକି ସେ ସବୁ ସାରତତ୍ତ୍ୱ କହିବାକୁ ଲାଗିଲେ । "ଶ୍ରୀ ଭଗବାନଙ୍କର ଚତୁର୍ଦ୍ଦଶ ଭୁବନ ମଧ୍ୟରେ ସର୍ବଶ୍ରେଷ୍ଠ ଓ ଉତ୍ତମ ଦେଶ ହେଉଛି ଶାଶ୍ୱତ ଦେଶ । ଏହି ଦେଶର ଅଧିକାରୀ ହୋଇ ପାରିଲେ ଆଉ ସେ ସ୍ଥାନରୁ କାହାକୁ ହେଲେ ଫେରି ଆସିବାକୁ ପଡ଼େ ନାହିଁ । ସେଠାରେ ନିତ୍ୟାନନ୍ଦ ସୁଖରେ ଚିରକାଳ ବାସ କରାଯାଏ । ସେଠାରେ ଅକାଳ ମରଣ, ଜରା ଓ ଦୁଃଖର ଲେଶ ମାତ୍ର ନାହିଁ । ଯଦି ଜୀବର ଅନ୍ତରରେ ସେବା କରି, ଚୈତନ୍ୟ କରାଇ ଜୀବଗଣଙ୍କୁ ସେହି ପଥରେ ଉଦ୍‌ବୁଦ୍ଧ କରାଇ ପାର, ତେବେ ଯାଇ ତୁମର ପ୍ରକୃତ ସେବା କରିବା ହେବ । ଏହି ଭାବରେ ସେବା କରି ଯଦି ଜୀବଗଣ ମାନବଗଣଙ୍କୁ ଶାନ୍ତି ଧାମକୁ ପଠାଇବା ବ୍ୟବସ୍ଥା କରାଯାଏ, ତେବେ ତାହାକୁ ମୁନି ଋଷିଗଣ, ଯୋଗୀଗଣ,

ଦେବଗଣ ଏବଂ ବେଦରେ, ପ୍ରକୃତ ସେବା ବୋଲି ଓ ପ୍ରକୃତ ସାଧକ ବୋଲି ବ୍ୟାଖ୍ୟା କରିଥାଆନ୍ତି । ଏହି ଭାବରେ ଯଦି ଜୀବ ଜଗତର ସେବା କରିବାକୁ ଚାହଁ ତେବେ ଆଜି ମୋ ନିକଟରେ କେତେଗୁଡ଼ିଏ ପ୍ରତିଜ୍ଞା କର ।"

ଏହା କହି ସେ ମୋତେ କେତେକ ମନ୍ତ୍ର ପାଠ କରାଇ ପ୍ରତିଜ୍ଞା କରାଇଲେ । ତା ମଧ୍ୟରେ ସର୍ବତୋଭାବେ କାମନା ତ୍ୟାଗ କର, ଅର୍ଥାତ୍ ସମସ୍ତ କର୍ମଗୁଡ଼ିକ ନିଷ୍କାମ ଭାବେ ପୂର୍ଣ୍ଣ କରିବାକୁ ହେବ । ନିଷ୍କାମ କର୍ମ ବ୍ୟତୀତ କେହି ସେହି ନିତ୍ୟ ଶାନ୍ତି ନିତ୍ୟ ସୁଖ ନିତ୍ୟଧାମକୁ ଯାଇ ପାରେନା । ଏହା ଶୁଣି ମୁଁ କହିଲି, ମୁଁ ତ ଏହି ସବୁ ବିଷୟର ଆଗ୍ରହର କିଛି ବୁଝି ପାରୁ ନାହିଁ । ମୁଁ ଯେପରି ସେ ଦେଶର ହୋଇପାରିବି ଏବଂ ଜନଗଣଙ୍କୁ ଏହି ଘୋର ଦୁଃଖମୟ ସଂସାରରୁ ନିତ୍ୟ ଶାନ୍ତିର ଅଧିକାରୀ କରାଇ ପାରିବି ଏପରି ପଥ ସତ୍ୱର ଦର୍ଶାଇ ଦିଅ । ମୋର ଆଉ ବିଳମ୍ବ କରିବାର ସମୟ ନାହିଁ । ଏହା ଶୁଣି ସେ ଅଳ୍ପ ହସି କହିଲେ "ହଁ ରେ, ବେଟା, ସମୟ ଅସମୟ କଣ ତୋ ହାତର କଥା ?" ତାପରେ ମୁଁ ଦୁଇହାତ ଯୋଡ଼ି କହିଲି ହଁ ବାବା ଭୁଲ୍ କଥା କହି ଦେଇଛି, ଆଉ ଏପରି କଥା କେବେ କହିବି ନାହିଁ, ଏଇ ଥରକ କ୍ଷମା କରନ୍ତୁ ।

ସେତେବେଳେ ସେ ପ୍ରସନ୍ନ ହୋଇ ମୋତେ କହିଲେ—ଆଜି ତୋତେ ଦୁଇ ଗୁଟିଏ କଥା ଗୋପନରେ କହିବି । ଏଇ କଥା କହି ସାଧନ ଘରକୁ ମୋତେ ନେଇ ଗଲେ । ସେଠାକୁ ଯାଇ କହିଲେ "ଦେଖ ବାବା, ତୁମକୁ ଗୁରୁ ହେବାକୁ ହେବ, ମୋ ନିକଟରୁ ତୋତେ ଗୁରୁ ଗିରି ନେବାକୁ ହେବ । ଗୁରୁ ହୋଇ ବହୁ ମାନବ

ଗଣଙ୍କୁ ଦୀକ୍ଷା ଓ ସାଧନ ଦେଇ ସେମାନଙ୍କର ଅନ୍ତର ଅନ୍ତରରେ ରହି ତୁମକୁ ଶିଷ୍ୟ ମାନଙ୍କର ସେବା କରି ନିଷ୍କାମ ପଥରେ ନେଇ ସେଇ ଶାଶ୍ୱତ ପଥର ଅଧିକାରୀ କରାଇ ଦେବାକୁ ହେବ । ତେବେ ତୁମର ମନର ସେଇ ଐକାନ୍ତିକ ସେବା ଓ ଅଭିଷ୍ଟ ପୂରଣ ହେବ ଏବଂ ଏଇ ସେବା ଫଳରେ ତୁମେ ପ୍ରତ୍ୟେକ ଶିଷ୍ୟ ଭିତରେ ତୁମର ଇଷ୍ଟ ମୂର୍ତ୍ତି ଦର୍ଶନ କରିପାରିବ । ତେଣୁ ତୁମେ ମୋ ନିକଟରୁ ଗୁରୁଗିରି ନିଅ । ବହୁ ଜନ ଗଣଙ୍କୁ ଦୀକ୍ଷା ଓ ସାଧନ ଦିଅ । ସେମାନେ ତୁମର ବାହ୍ୟିକ ସେବା କରି ତୁମଠାରେ ଆକୃଷ୍ଟ ହୋଇ ମନ ନିବିଷ୍ଟ କରନ୍ତୁ ।

ତୁମେ ଏହି ସୁଯୋଗ ପାଇ ସେମାନଙ୍କର ଅନ୍ତରରେ ସେବା କରି, ସେମାନଙ୍କର ସର୍ବ କର୍ମ କ୍ଷୟ କରି ଏହି ଅଳ୍ପକରେ ହିଁ ସେଇ ନିତ୍ୟଧାମରେ ପହଞ୍ଚାଇ ଦେଇପାରିବ । ଆଜି ଯେଉଁ ସବୁ ଭକ୍ତ ବା ଶିଷ୍ୟ ଷୋଳଅଣା ତୁମଠାରେ ମନ ସମର୍ପଣ କରି ନ ପାରିବେ ଅର୍ଥାତ୍ ଆଂଶିକ ଭାବେ ତୁମ ସେବାରେ ରତ ରହିଥିବେ, ସେମାନେ ଦୁଇ ଜନ୍ମରେ ଅଭିଷ୍ଟ ସିଦ୍ଧ ହୋଇପାରିବେ । ଅର୍ଥାତ୍ ନିତ୍ୟ ଧାମର ଅଧିକାରୀ ହୋଇପାରିବେ । ଆଜି ଯେଉଁମାନେ ମାତ୍ର ତୁମ ନିକଟରୁ ଦୀକ୍ଷା ନେଇ ନିତ୍ୟ କ୍ରିୟାଦି ଠିକ୍ ଭାବରେ କରିପିବେ, ଅଥଚ ସାଧନ ଭଜନ ଶ୍ରଦ୍ଧା ସହକାରେ କରି ପାରନ୍ତି ନାହିଁ ସେମାନେ କ୍ରମଶଃ ତିନି ଜନ୍ମପରେ ନିତ୍ୟଧାମରେ ପହଞ୍ଚି ପାରିବେ । ଆଜି ଯେଉଁମାନେ ମାତ୍ର ତୁମ ନିକଟରୁ ଦୀକ୍ଷା ନେଇଛନ୍ତି ଅଥଚ ନିତ୍ୟ କ୍ରିୟା କରନ୍ତି ନାହିଁ, ତୁମକୁ ଶ୍ରଦ୍ଧା ଭକ୍ତି କରନ୍ତି ନାହିଁ; କିନ୍ତୁ ଦେଖା ହେଲେ ଉପସ୍ଥିତ ଭକ୍ତି କରନ୍ତି ସେମାନେ ହିଁ କ୍ରମଶଃ ଉତ୍ତମ ବଂଶରେ ଜନ୍ମ ନେଇ ନେଇ ବହୁତ ଦିନ ପରେ ସେମାନେ ମଧ୍ୟ ଶାନ୍ତି ଧାମରେ ପହଞ୍ଚି

ପାଣବେ । ମୋଠ କଥା ତୁମର ଏଇ ଅମୃତମୟ ସାଧନର ଅନୁଷ୍ଠାନ କଲେ ତାହା କେବେହେଲେ ବୃଥା ହେବନାହିଁ । ମୋର ଏହି ବାକ୍ୟ ଓ ସାଧନ ପଦ୍ଧତି ଦେବଦୁର୍ଲଭ ଜାଣିବ । ମୁଁ କହିଲି "ହେ ପରମପିତା ! ମୁଁ ତ ଏହି ସାଧନର ଉତ୍ପତ୍ତି କେଉଁଠାରୁ ତାହା କିଛି ବୁଝି ପାରିଲି ନାହିଁ ।" ସେ କହିଲେ ହଁ ଠିକ କଥା କହୁଛ, ମୋର ଏହି ଅମୃତମୟ ସାଧନ ପଦ୍ଧତି ଶ୍ରୀଶ୍ରୀ ନିଗମ ତନ୍ତ୍ରରୁ ମୋର ପରମଗୁରୁ ଦେଇଛନ୍ତି । ମୁଁ ଅଳ୍ପ ଦିନରେ ଏହି ସାଧନରେ ସିଦ୍ଧିଲାଭ କରି ତୁମ ପରି ଶ୍ରଦ୍ଧାଶୀଳ ଭକ୍ତଗଣଙ୍କୁ ସାଧନ ଦେଇ ସାଧନରେ ନିମଗ୍ନ କରାଇ, ଗୁରୁ ଗିରି ଦେଇ ଜଗତର ସେବାରେ ନିଯୁକ୍ତ କରାଇ, ତୁମ୍ଭମାନଙ୍କ ମଧ୍ୟରେ ମୋର ଇଷ୍ଟ ଦର୍ଶନ କରି ନିଜେ ଧନ୍ୟ ହେବି ଓ ତୁମ୍ଭମାନଙ୍କୁ ଧନ୍ୟ କରିବି ଏବଂ ସେବାଦ୍ୱାରା ଜଗତର ଶାନ୍ତି କରିବି । ଅତଏବ ହେ ବତ୍ସ, ତୁମେ ମୋତେ ନିର୍ମଳ ଭାବରେ ଶ୍ରଦ୍ଧା ଭକ୍ତି କରିଅଛ ତେଣୁ ତୁମର ଭକ୍ତିରେ ବାଧ୍ୟ ହୋଇ ଆଜି ତୁମକୁ ମୁଁ ନିଜେ ହିଁ ଗୁରୁ ଗିରି ଦେବାକୁ ସ୍ୱୀକାର କରୁଅଛି । ଆଉ ଶୁଣ, ତୁମେ ମୋ ନିକଟରୁ ସାଧନ ନେଇ ମୋ କହିବା ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ସାଧନ ଭଜନ କର । ଅଚିରେ ସିଦ୍ଧିଲାଭ କରି ପାରିବ । ଏହି ସମସ୍ତ ବାକ୍ୟ ଶୁଣି ମୁଁ କେବଳ କାନ୍ଦିବାକୁ ଲାଗିଲି ଏବଂ ଭାବିବାକୁ ଲାଗିଲି ଏହା କଣ କେବେହେଲେ ମୋ ପରି ମନୁଷ୍ୟ ପକ୍ଷରେ ସମ୍ଭବ ହୋଇପାରେ ? ହେ ଭଗବାନ୍ ମୁଁ କଣ କରିବି । ଟିକିଏ ପରେ ଦୟାଳୁ ଗୁରୁ କହିଲେ—ଆରେ, ତୁ କ ସୁଖ ପାଇବୁ ? ମୁଁ ତାଙ୍କର ଶ୍ରୀଚରଣରେ ଲୋଟି ପଡ଼ିଲି । ସେ କହିଲେ—ଦେଖ ବାବା ତୁମେ ନିଶ୍ଚୟ ସିଦ୍ଧି ଲାଭ କରିବ ଏବଂ ମାନବର ଗୁରୁ ସାଜି ସେମାନଙ୍କର ସେବା କରି

ବହୁ ଜନଗଣଙ୍କୁ ଏହି ଥର ଶାନ୍ତି ରାଜ୍ୟକୁ ପଠାଇ ପାରିବ ଏହି ଭାବରେ ଅନ୍ତରରେ ସେବା ନ କରିଲେ କେହି ହେଲେ ଅନ୍ୟ କୌଣସି ସେବା ଦ୍ୱାରା ମନୁଷ୍ୟକୁ ପ୍ରକୃତ ଶାନ୍ତି ଦେଇ ପାରିବ ନାହିଁ । ସେଇଥିଯୋଗୁ ବେଦରେ ଶ୍ରୀଗୁରୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ଶ୍ରୀଗୁରୁଦେବଙ୍କର ଆଦେଶ ମଥାରେ ଧାରଣ କରି ଜନ୍ମ ସ୍ଥାନକୁ ଆସି ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ସ୍ଥାନ ଠିକ କରି ଶ୍ରୀଗୁରୁ ଚରଣରେ ଆତ୍ମନିର୍ଭର କରି ସାଧନ ଭଜନ ଆରମ୍ଭ କଲି । ଅତି ଗୋପନରେ ସାଧନ ଭଜନ କରି ଶ୍ରୀଗୁରୁଙ୍କର କି କୃପା ତାହା ମୁଁ ଲେଖନୀରେ ପ୍ରକାଶ କରିପାରିବି ନାହିଁ । ଅଳ୍ପଦିନ—ଏକ ବର୍ଷ ନ ମାସରେ ସିଦ୍ଧିଲାଭ କରି ଶ୍ରୀଗୁରୁ ଚରଣ ଦର୍ଶନ ପାଇଁ ଗଲି । ସେ ମୋର ଦର୍ଶନ ମାତ୍ରେ ମୋତେ କୁଣ୍ଢାଇ ପକାଇଲେ । ପାଖରେ ବସି ସମସ୍ତ ଦେହରେ ହାତ ବୁଲାଇ ଅନ୍ତଃକାଳ ଦେହ ଶୀତଳ କରିଦେଲେ । ପରେ ସମସ୍ତ ନିବେଦନ କଲି । ସେ ଶୁଭକ୍ଷଣେ ଶୁଭଦିନରେ ମୋତେ ପୁନର୍ବାର କଡ଼ା କଡ଼ ଭାବରେ କେତେକ ପ୍ରତିଜ୍ଞା ମନ୍ତ୍ର ପଢ଼ାଇ ଗୁରୁ ଗିରି ଦେଲେ ଏବଂ କହିଲେ ଦେଖ ବାବା ଆଜ ଠାରୁ ଲୋକମାନଙ୍କୁ ସାଧନ ଦେଇ ସେମାନଙ୍କ ନିକଟରୁ ତୁମେ ବାହ୍ୟିକ ସେବା ଗ୍ରହଣ କରି ସନ୍ତୁଷ୍ଟ ହୋଇ ତୁମେ ସେମାନଙ୍କର ଅନ୍ତରରେ ସେବା କରି ନିଷ୍କାମ କର୍ମର ଅଧିକାରୀ କରି, ଶାଶ୍ବତ ରାଜ୍ୟର ଅଧିକାରୀ କରି ଉକ୍ତ ନିତ୍ୟଧାମକୁ ପଠାଅ । ଯେପରି ଶ୍ରୀକୃଷ୍ଣ କହିଥିଲେ—

ଯେ ଯେ ସେ ଭଜେ ନିଷ୍ଠେ, ତାରେ ଭଜେ ତେସେ ।

ତେଣୁ ସାଧନ ଦେଇ ମନୁଷ୍ୟର ମନସ୍ଥିର କରି ସେମାନଙ୍କର ଅନ୍ତରେ ଅନ୍ତରେ ନାନା ଭାବେ ସେବା ଦ୍ୱାରା (ଉପଦେଶ)

ନିଷ୍କାମ ପଥରେ ଟାଣି ନେଇ ପାରିଲେ ସେହି ସବୁ ଆତ୍ମା ନିତ୍ୟଧାମର ଅଧିକାରୀ ହେବା ପାଇଁ ସକ୍ଷମ ହୋଇ ପାରିବେ । ଏହିପରି ସେବା ଗୁରୁ ଭିନ୍ନ ଅନ୍ୟ କାହାର ଦ୍ୱାରା ସମ୍ଭବ ହୁଏ ନାହିଁ । ତେଣୁ ଶାସ୍ତ୍ରକାରମାନେ ଗୁରୁଙ୍କୁ ସମସ୍ତଙ୍କ ଆଗରେ ସ୍ଥାନ ଦେଇଛନ୍ତି । ଏହିପରି ସେବାହିଁ ସର୍ବଶ୍ରେଷ୍ଠ ସେବା ଏବଂ ଏହା ଦ୍ୱାରା କେବଳ ମନୁଷ୍ୟର ସର୍ବ ଦୁଃଖ ଚିରକାଳ ପାଇଁ ଦୂର କରାଯାଏ । ତେଣୁ ତୁମେ ଅନ୍ୟାନ୍ୟ ସେବାତ ବହୁତ କରିଅଛ, ଏକ୍ଷଣି ଏହି ସେବାରେ ନିଯୁକ୍ତ ହୁଅ । ତୁମ ଦ୍ୱାରା ନିଶ୍ଚୟ ବହୁ ଜନଗଣଙ୍କ ନିତ୍ୟ ଶାନ୍ତି ସମ୍ଭବ ହେବ । "ଏହି ଭାବରେ କିଛି ଦିନ ଶ୍ରୀଗୁରୁ ସାନ୍ନିଧ୍ୟରେ ରହି ଗୁରୁ ଶିଷ୍ୟର କର୍ତ୍ତବ୍ୟ ସମ୍ବନ୍ଧରେ ବହୁ ଉପଦେଶ ଗ୍ରହଣ କଲି ଏବଂ ସମସ୍ତ ଉପଦେଶକୁ ନିର୍ଭୁଲଭାବରେ ଶିରୋଧାର୍ଯ୍ୟ କରି ଶ୍ରୀଚରଣରେ ବିଦାୟ ମାଗି ଆସି ଶୁଭକ୍ଷଣରେ ଜନଗଣଙ୍କୁ ସାଧନା ଦେବାକୁ ଆରମ୍ଭ କଲି ।

ଅଳ୍ପଦିନ ମଧ୍ୟରେ ମୋ ମନ ନାନା କାରଣରୁ ଚଞ୍ଚଳ ହେବାକୁ ଲାଗିଲା । ମୁଁ ଅତ୍ୟନ୍ତ ବିପଦଗ୍ରସ୍ତ ହୋଇ ଶ୍ରୀଗୁରୁଦେବଙ୍କ ନିକଟକୁ ଯାଇ ମୋର ମନର ଅବସ୍ଥା ସବୁ ଜଣାଇଲି । ଶ୍ରୀଗୁରୁ ଦେବ କହିଲେ — ରହ ବାପା, ଭୟ ନାହିଁ, ପେଟ ପୂରାଇ ଖିଆପିଆ କର । ପରେ ସେ ମୋତେ ନାନାବିଧ ଉପଦେଶ ଦେଇ ଦାମ-ପାହାଡ଼କୁ ପଠାଇଲେ । ସେଠାରେ ଏକ ବର୍ଷ ରହି ସାଧନ ଭଜନ କରି ଶ୍ରୀ ଗୁରୁଦେବଙ୍କ ନିକଟରେ ଉପସ୍ଥିତ ହେଲି । ସେ ତାପରେ ଆହୁରି ଅଳ୍ପ ଉପଦେଶ ଦେଇ କହିଲେ — "ଯା ବାବା, ଆଉ ତୋର ମନ ଦିନକ ପାଇଁ ହେଲେ ମଧ୍ୟ ବିଚଳିତ ହେବ ନାହିଁ । ପ୍ରାଣଭରି ବାହାରେ ଭିତରେ ବିଶ୍ୱ ବ୍ରହ୍ମାଣ୍ଡର ସର୍ବଜୀବର ସେବା କର । ତେବେ ଦେଖ, ଗୋଟିଏ କଥା ନିଜର ପ୍ରାଣଟାର ଉପରେ

ବିଶେଷ ଲକ୍ଷ୍ୟ ରଖିବ, ଯତ୍ନ କରିବ, କାରଣ ତୁମର ସେହି ଦେହ ବର୍ତ୍ତମାନ ମୋର ମଧ୍ୟ ।" ଦୟାଳୁ ଗୁରୁଙ୍କର ଏହି କଥାର ଅର୍ଥ ମୁଁ ଏଇପ୍ରା ବୁଝିଲି ଯେ ମୋର ସେତେବେଳେ ଆହାର ନିଦ୍ରାର କୌଣସି ସମୟ ଠିକ୍ ନ ଥିଲା । କୌଣସି କୌଣସି ଦିନ ଅନାହାରରେ ହିଁ କଟି ଯାଉଥିଲା । ଅନ୍ତର୍ଯ୍ୟାମୀ ଶ୍ରୀ ଗୁରୁ ତାହା ଜାଣିପାରି ମୋତେ ଏପରି ବାକ୍ୟ ପ୍ରୟୋଗ କଲେ । ତାର ପରେ କହିଲେ—ଦେଖ ମନୁଷ୍ୟର ଦେହ ଶ୍ରୀ ଗୁରୁଙ୍କର ମନ୍ଦିର । ମନୁଷ୍ୟଙ୍କୁ ଶିଷ୍ୟଭାବେ ଗ୍ରହଣ କରି ସେମାନଙ୍କ ସେବା କରି ଅନ୍ତର୍ଜଗତେ ଜାଗ୍ରତ କରି ପାରିଲେ, ସେମାନଙ୍କ ମଧ୍ୟରେ ନିଜର ଇଷ୍ଟ ମୂର୍ତ୍ତି ଦର୍ଶନ କରି ପାରିବ ।"

ମୁଁ ଏହି ଆକାଂକ୍ଷା ନେଇ ବିଶେଷ ଯତ୍ନର ସହିତ ଅନ୍ତରେ ବାହାରେ ଜୀବ ସେବା, ଶିଷ୍ୟମାନଙ୍କର ସେବା ଆଜି ପର୍ଯ୍ୟନ୍ତ କରି ଆସିଛି । କେବେ ଶିଷ୍ୟମାନଙ୍କ ଭିତରେ ଭଗବାନଙ୍କୁ ଅର୍ଥାତ୍ ଇଷ୍ଟ ଦର୍ଶନ କରିବି ! ଅବଶ୍ୟ ଏହି ବିଷୟ କୌଣସି କୌଣସି ଭକ୍ତଙ୍କ ଭିତରେ ଉପଲବ୍ଧି କରିଛି । ସର୍ବଦା ଶ୍ରୀ ଶ୍ରୀ ଗୁରୁ ଚରଣରେ ପ୍ରାର୍ଥନା କରୁଅଛି ଯେ କେବେ ତୁମ କୃପାରେ ଶିଷ୍ୟମାନଙ୍କ ଭିତରେ ଭଗବାନ ଦର୍ଶନ କରାଇ ଗୁରୁଗିରି ସାର୍ଥକ କରିବି । ଏହାହିଁ ମୋର ଶେଷ ଇଚ୍ଛା । ସମସ୍ତଙ୍କ ମଧ୍ୟରେ ଯେପରି ଭଗବାନ ଦର୍ଶନ କରିପାରେ । ଏହି ପ୍ରବଳ ଇଚ୍ଛା ନେଇ ମୁଁ ଏତେ ଦିନ କେବଳ ବଞ୍ଚି ରହିଛି । ଶୈଶବ ବୟସରୁ ପର ଦୁଃଖ ମୋଚନ, ପର ଉପକାର, ସର୍ବଜୀବ ସେବା ଅତ୍ୟନ୍ତ ଭଲପାଏ । ମୁଁ ବହୁ ବୃକ୍ଷ, ଲତା ପ୍ରଭୃତିର ନିସ୍ୱାର୍ଥ ଭାବେ ସେବା କରି ସେମାନଙ୍କ ଶ୍ରୀବୃଦ୍ଧି ଦେଖିଲେ ମନରେ ଅପାର ଆନନ୍ଦ ଅନୁଭବ କରେ । ତେଣୁ କରୁଣା କରି ଶ୍ରୀ ଭଗବାନ ଏହି ସେବା କାର୍ଯ୍ୟ ଦ୍ୱାରା ମୋର ମନ

ବାସନା ପୂର୍ଣ୍ଣ କରିବେ ବର୍ତ୍ତମାନ ବୁଝିପାରୁଛି । ନିଷ୍କାମ ସେବା (କର୍ମ) ବ୍ୟତୀତ ଅନ୍ୟ କୌଣସି ଉପାୟ ଦ୍ୱାରା କେହି ହେଲେ କୌଣସି ଦିନ ଶାନ୍ତି ରାଜ୍ୟର ଅଧିକାରୀ ହୋଇ ପାରିବ ନାହିଁ ଏବଂ ଜନ୍ମ ମୃତ୍ୟୁର ହାତରୁ ପରିତ୍ରାଣ ପାଇପାରିବ ନାହିଁ ।

ଆମର ଏଇ ଧର୍ମ ଭିତରେ ପ୍ରକୃତ ଶାନ୍ତି କଣ ସେ ସମ୍ବନ୍ଧରେ ନିଶ୍ଚିତ ହୋଇ ମୁଁ ଅନେକ ଅନ୍ୟାନ୍ୟ ଧର୍ମର ଅବଲମ୍ବୀମାନଙ୍କ ନିକଟକୁ ଯାଇ ମୁସଲମାନ ଓ ଖ୍ରୀଷ୍ଟଧର୍ମ ଅନୁସନ୍ଧାନ କରି ଭଜନ କରି ନିଜେ ଉପଲବ୍ଧି କରିଅଛି । ସକଳ ଧର୍ମ ଏକ ସମନ୍ୱୟ କରିଅଛି ତାହାହିଁ ମୋର ଶିଷ୍ୟମାନଙ୍କୁ ଦେଉଅଛି, ଏବଂ ସେମାନଙ୍କର ଅନ୍ତରେ ଅନ୍ତରେ ମୁଁ ସେବା କରି ଆନନ୍ଦରେ କାଳଯାପନ କରିଅଛି । ମୋର ଏହି ଅମୃତମୟ ଧର୍ମ ଯେ ଗ୍ରହଣ କରିବେ ଏବଂ ମୋର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବେ ସେ ଯେତେ ମହାଜ୍ଞାନୀ ବା ଯେତେ ବଡ଼ ପାପୀ ହେଉ ନା କାହିଁକି ସେମାନେ ନିଶ୍ଚୟ ଏହି ଜନ୍ମରେ ହିଁ ସେଇ ଶାଶ୍ୱତ ରାଜ୍ୟରେ ପହଞ୍ଚି ଅମରତ୍ୱ ଲାଭ କରି ମହାସୁଖରେ କାଳ ଯାପନ କରିବେ । ଆଜି ଯେଉଁମାନେ ଠିକ୍ ଭାବରେ ସାଧନ ଭଜନ କରିପାରୁ ନାହାନ୍ତି ଅଥଚ ମୋର ସାଧନ ପ୍ରଣାଳୀରେ ଗଭୀର ଶ୍ରଦ୍ଧା ଭକ୍ତି ଅଛି, ସେମାନେ ମଧ୍ୟ ଦୁଇ ଜନ୍ମରେ ନିଶ୍ଚୟ ସେଇ ଶାଶ୍ୱତ ରାଜ୍ୟର ଅଧିକାରୀ ହୋଇ ପାରିବେ । ପୁଣି ଯେଉଁମାନେ କାନରେ ମନ୍ତ୍ର ନେଇ ନିଜର ଇଚ୍ଛାନୁସାରେ ଅର୍ଥାତ୍ ଶ୍ରୀ ଗୁରୁଙ୍କର ଇଚ୍ଛାର ବାହାରେ ମାନେ ତାଙ୍କର ନିର୍ଦ୍ଦେଶିତ ପଥକୁ ଅବହେଳା କରି ଚଳନ୍ତି ସେମାନେ ଯେ କେତେ ଦିନରେ ପହଞ୍ଚିବେ ତାହା ମୁଁ କହି ପାରୁନି ।

ଏହି ସବୁ କଥା କୌଣସି ଭାବପ୍ରବଣତା ବଶତଃ ନୁହେଁ । ପ୍ରକୃତ ଉପଲବ୍ଧି କରିବ ଓ ନିଶ୍ଚିତ ଜାଣିବ ମୋର ଏଇ ସାଧନରେ ଯାହାର ଶ୍ରଦ୍ଧା ଭକ୍ତି ଜନ୍ମିବ ସେମାନେ ଏହି ଥର ହିଁ ସବ କର୍ମ ସଂପୂର୍ଣ୍ଣ ଭାବେ ଶେଷ କରିବା ପାଇଁ ସକ୍ଷମ ହୋଇ ପାରିବେ । ସିଦ୍ଧି ଲାଭ କରିବା ଗୋଟିଏ କିଛି ବଡ଼ କଥା ନୁହେଁ । ସିଦ୍ଧି ଲାଭ କରି ବହୁତ ଲୋକ ପୁଣି ସଂସାରରେ ଜନ୍ମ ନେଇଥାନ୍ତି । ସେମାନେ ନିଷ୍କାମ ସାଧନ ପ୍ରଣାଳୀ ଜାଣନ୍ତି ନାହିଁ । ଏହି ସାଧନ ପ୍ରଣାଳୀ ଅବଗତ ହୋଇ, ଏହି ସାଧନ ପ୍ରଣାଳୀ ମତରେ ଚାଲି ପାରିଲେ ନିତ୍ୟଧାମରେ ଓ ଶାନ୍ତି ରାଜ୍ୟର ଅଧିବାସୀ ହେବା ପାଇଁ କାହାର ହେଲେ ସିଦ୍ଧି ଲାଭର ଅପେକ୍ଷା କରିବ ନାହିଁ । ତେଣୁ କହୁଛି, ମୁଁ ଏହି ସବୁ ଅବଗତ ହୋଇ ବିଶେଷ ଭାବରେ ଅନୁଭୂତି ପୁନଃ ପୁନଃ ଲାଭ କରି ଜୀବର ଦୁଃଖ ମୋଚନ ପାଇଁ ଅର୍ଥାତ୍ ନିତ୍ୟ ଶାନ୍ତି ଦେବା ପାଇଁ, ଏପରି କି ପଶୁ ପକ୍ଷୀର କର୍ଣ୍ଣରେ ମଧ୍ୟ ମୋର ଏହି ସାଧନ ଦେଇ ସେମାନଙ୍କର ସେବା କରିଆସୁଅଛି । ମୋର ଏହି ସାଧନ ମୁଁ ପ୍ରତକ୍ଷିଭୂତ କରି ବିଶେଷ ଭାବେ ଭଜନ କରି ସାଧ୍ୟ ବସ୍ତୁ ଠିକ କରିଅଛି । ମୋର ସାଧନ ଭିତରେ ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏଇ ଚାରି ଯୁଗର ସାଧନ ମିଶ୍ରିତ କରି ଏକ ମହାଶକ୍ତି ଧାରଣ କରିଅଛି । ବହୁ ଅନୁସନ୍ଧାନ କରି ଶ୍ରୀଶ୍ରୀ ଭଗବାନଙ୍କ କୃପାରୁ ସଦ୍‌ଗୁରୁଙ୍କ ନିକଟରୁ ଏହି ଅମୃତମୟ ସାଧନ ଲାଭ କରି ଜୀବନ ଧନ୍ୟ କରିଅଛି । ବର୍ତ୍ତମାନ ସମସ୍ତ ଶିଷ୍ୟମାନଙ୍କ ଭିତରେ ମୋର ଇଷ୍ଟ ଦର୍ଶନ ଘଟିଲେ କେବଳ ମୋର ଗୁରୁ ଗିରି ସାର୍ଥକ ହୋଇପାରିବ ।